# କୃଷି ଯନ୍ତ୍ରପାତି ମେଳାରେ ତାତିଲେ ଚାଷୀ

**ସମ୍ବଲପୁର, ୧୩।୨ (ସମିସ)**

ସମ୍ବଲପୁର ଅଇଁଠାପାଲିସ୍ଥିତ ପିଏଚ୍‌ଡି ପଡ଼ିଆରେ ଶୁକ୍ରବାର ସନ୍ଧ୍ୟାରେ ଉଦ୍‌ଘାଟନ ହେବାକୁ ଥିବା କୃଷି ଯନ୍ତ୍ରପାତି ମେଳାକୁ ବିରୋଧ କରିଛି ସମ୍ବଲପୁର ଜିଲ୍ଲା କୃଷକ ସୁରକ୍ଷା ସଂଗଠନ। ଶତାଧିକ ଚାଷୀ ଶୁକ୍ରବାର ସନ୍ଧ୍ୟାରେ ପଡ଼ିଆରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ





କରିବାସହ ଅନ୍ୟ ମେଳା ସହ କୃଷି ମେଳା କରିବାକୁ ବିରୋଧ କରିଛନ୍ତି। ଏହାବ୍ୟତୀତ ଏଠାରେ ଅଣଧାନ ଚାଷ ବା ବିକଳ୍ପ ଚାଷକୁ ନେଇ ଆଲୋଚନାଚକ୍ର ଆୟୋଜିତ ହେଉଥିବାବେଳେ ଏନେଇ ଚାଷୀମାନଙ୍କୁ ସୂଚନା ଦିଆଯାଇନଥିବା ଅଭିଯୋଗ କରିଛନ୍ତି। ଜିଲ୍ଲାର ଦୂରଦୂରାନ୍ତରୁ ଚାଷୀମାନେ ଆସିବାକୁ ଥିବାବେଳେ କେଉଁ ପରିପ୍ରେକ୍ଷୀରେ ସନ୍ଧ୍ୟାରେ ଏହାର ଉଦ୍‌ଘାଟନୀ ରଖାଯାଇଛି ବୋଲି ସେମାନେ ପ୍ରଶ୍ନ କରିଥିଲେ। ଶତାଧିକ ଚାଷୀ ମେଳା ପ୍ରାଙ୍ଗଣରେ ଧାରଣାରେ ବସିଥିଲେ। ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଆସି ଚାଷୀମାନଙ୍କ ସହ ଆଲୋଚନା କରିଥିବାବେଳେ ଆଜି ପାଇଁ କୃଷି ଯନ୍ତ୍ରପାତି ମେଳାର ଉଦ୍‌ଘାଟନୀକୁ ବନ୍ଦ କରାଯିବାକୁ ଚାଷୀମାନେ ଦାବି କରିଥିଲେ। ଜିଲ୍ଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଉଦ୍‌ଘାଟନ

## କାର୍ଯ୍ୟକ୍ରମ ଉଦ୍‌ଘାଟନ ହୋଇପାରିଲାନି

ହୋଇ ନଥିବା ସୂଚନା ମିଳିଛି। ଉଲ୍ଲେଖଯୋଗ୍ୟ ଯେ, ପିଏଚ୍‌ଡି ପଡ଼ିରେ ଜିଲ୍ଲାସ୍ତରୀୟ ସୁଭଦ୍ରା ଶକ୍ତି ମେଳା ଓ କୃଷି ମେଳା ସନ୍ଧ୍ୟା ୬ଟାରେ ଉଦ୍‌ଘାଟନ ହେବାର କାର୍ଯ୍ୟକ୍ରମ ରହିଥିଲା।

ଚାଷୀମାନଙ୍କ ଅଭିଯୋଗ ଅନୁଯାୟୀ, ସରକାର ସବୁ ସମୟରେ ଧାନ ଚାଷ ନକରି ଅଣଧାନ ଚାଷ କରିବାକୁ କହୁଛନ୍ତି। କିନ୍ତୁ ଯେତେବେଳେ କୃଷି ମେଳା ହେଉଛି ତାହା ସହିତ ସୁଭଦ୍ରା ମେଳା ଓ ହସ୍ତତନ୍ତ ମେଳାକୁ ମିଶେଇ କରୁଛନ୍ତି। ସୁଭଦ୍ରା ମେଳାକୁ ଚାଷୀ ବିରୋଧ କରୁନାହିଁ, କିନ୍ତୁ କୃଷି ମେଳାରେ ଅଣଧାନ ଉଦ୍ୟାନକୃଷି, ମତ୍ସ୍ୟ ଆଦି ବିଷୟରେ ଉପକରଣ ଦେଖାଇବା ସହ ତାଲିମ ଦିଆଯାଇଥାଏ। ଏପରିସ୍ଥଳେ ଚାଷୀ ପାଇଁ ସ୍ୱତନ୍ତ୍ର ମେଳା ନକରି ଚାରୋଟି ମେଳାକୁ ମିଶାଇ ମୀନାବଜାର ଭଳିଆ କରାଯାଉଛି। ପୁଣି ଧାନକ୍ରୟରେ କଟ୍‌ନିଛଟ୍‌ନି, ଟୋକନ୍, ମଣ୍ଡି ଆଦି ସମସ୍ୟାର ସମାଧାନ ନକରି ମେଳା କାହିଁକି ବୋଲି ଚାଷୀମାନେ ପ୍ରଶ୍ନ କରିଛନ୍ତି।

ଏଠାରେ ଯେଉଁ ଆଲୋଚନାଚକ୍ର ହେବ ସେଥିରେ ଧାନଚାଷରେ ଓତଃପ୍ରୋତ ଭାବେ ଜଡ଼ିତ ଚାଷୀଙ୍କୁ ଡକାଯାଇନାହିଁ। ଚାଷୀମାନେ ଉଦ୍ୟାନ କୃଷି, ମତ୍ସ୍ୟ ଆଦି କେଉଁ ବିଷୟରେ ସେମିନାର ହେବ ଜାଣିନାହାନ୍ତି। ଗାଁ ଗାଁରେ ପ୍ରଚାର କରି ଧାନ ଚାଷ ନକରି ବିକଳ୍ପ ଚାଷକୁ ନେଇ ଅବଗତ କରାଯିବା ସହ ତାଲିମ ଦିଆଯିବ ବୋଲି ପ୍ରଚାରପ୍ରସାର ହେବା କଥା, ତାହା ଆଦୌ ହୋଇନାହିଁ। ଏପରିକି କିଛିସଂଖ୍ୟକ ଚାଷ କରୁ ନ ଥିବା ଲୋକଙ୍କୁ ଅଣାଯାଇଥିବା ଅଭିଯୋଗ କରିଛନ୍ତି। ଚାଷୀମାନଙ୍କ ବିରୋଧ ପରେ ପାଇଁ କୃଷିମେଳାର ଉଦ୍‌ଘାଟନୀକୁ ପ୍ରଶାସନ ପକ୍ଷରୁ ବାତିଲ କରାଯାଇଥିବାବେଳେ କେବଳ ସୁଭଦ୍ରା ମେଳାକୁ ଉଦ୍‌ଘାଟନ କରାଯାଇଥିବା ଜଣାପଡ଼ିଛି। ପଶ୍ଚିମ ଓଡ଼ିଶା କୃଷକ ସଂଗଠନ ସମନ୍ୱୟ ସମିତି ଆବାହକ ଅଶୋକ ପ୍ରଧାନ, ଜିଲ୍ଲା କୃଷକ ସୁରକ୍ଷା ସଂଗଠନ ସଭାପତି ବ୍ୟୋମକେଶ ଠାକୁର, ସମ୍ପାଦକ ଦେବେନ୍ଦ୍ର ପ୍ରଧାନ, ସୁଶାନ୍ତ ପଣ୍ଡା, ଅଶ୍ୱିନୀ ହୋତା, ଭୈରବ ପ୍ରଧାନ, ଦିଲ୍ଲୀପ ସାହୁ, ସନ୍ତୋଷ ପଧାନ, ଭାସ୍କର, ତରଣୀସେନ ଭୋଇ, ଯୋଗେଶ ଭୋଇ, ରାଧେଶ୍ୟାମ ପଣ୍ଡା, ଜଗଦାନନ୍ଦ ନାୟକ, ଶାନ୍ତନୁ ପ୍ରଧାନ, ଜିଗ୍ନେସ ବାରିକ, କାଶୀ ବିଶ୍ୱନାଥ, ଏମ୍. ଗୋବିନ୍ଦୁ, ନାଟୁ ବିହାରୀ ବିଶ୍ୱାଳ ପ୍ରମୁଖ ଚାଷୀମାନଙ୍କ ବିକ୍ଷୋଭରେ ସାମିଲ ଥିଲେ। ଜିଲ୍ଲା କୃଷକ ସୁରକ୍ଷା ସଂଗଠନ ସଭାପତି ବ୍ୟୋମକେଶ ଠାକୁର କହିଛନ୍ତି, ଚାଷୀମାନେ କେବଳ ଧାନ ଚାଷ କରୁଛନ୍ତି, ଅଣଧାନ ଚାଷ କରୁନାହାନ୍ତି ବୋଲି ବହୁତ ବଦନାମ କରାଗଲା, ଏପରିକି କୃଷି ମନ୍ତ୍ରୀ ନୌଟଙ୍କି କରୁଛ ବୋଲି କହିଲେ। ଆଜି ଯେଉଁ କୃଷି ମେଳା ହେଉଛି, ତାହା କାହିଁକି ହେଉଛି? ଚାଷୀକୁ ଉଦ୍ୟାନକୃଷି, ମତ୍ସ୍ୟ ଆଦି ବିଭିନ୍ନ ଚାଷ ବିଷୟରେ କିଛି ତାଲିମ ଦେବାପାଇଁ, କିଛି ଦେଖାଇବା ପାଇଁ, କିଛି ନୂତନ ଉପକରଣ ବିଷୟରେ ଜଣାଇବା ପାଇଁ ମେଳା କରାଯାଉଛି। ତେବେ, କୃଷି ମେଳାରେ ଅନ୍ୟ ମେଳାକୁ ମିଶାଇବାର ଆବଶ୍ୟକତା କ'ଣ ବୋଲି ସେ ପ୍ରଶ୍ନ କରିଛନ୍ତି। ଚାଷୀ କିପରି ଧାନରୁ ଅଣଧାନକୁ ଯିବ ସେଥିପାଇଁ ସ୍ୱତନ୍ତ୍ର ମେଳା, ସ୍ୱତନ୍ତ୍ର ତାଲିମର ଆବଶ୍ୟକତା ରହିଛି। କୌଣସି ଚାଷୀକୁ ନ ଡାକି ଚାରୋଟି ମେଳାକୁ ମିଶେଇ ଏହି ମେଳା କରାଯାଉଛି। ପୁଣି ଗାଁଗଣ୍ଡାରୁ ଚାଷୀ ଆସିବ, ସନ୍ଧ୍ୟା ୬ଟା ଉଦ୍‌ଘାଟନୀ କାହା ସ୍ୱାର୍ଥରେ କରାଯାଉଛି। ୬୦ରୁ ୯୦ କିଲୋମିଟର ଦୂରରୁ ରାତିରେ ଚାଷୀ ଆସିବ କି? ଏହା କେବଳ ପ୍ରହସନ ଚାଲିଛି ଓ ଚାଷୀକୁ ଉପେକ୍ଷା କରାଯାଉଛି ବୋଲି ଶ୍ରୀ ଠାକୁର କହିଛନ୍ତି। ଏଣୁ ଚାଷୀକୁ ବିକଳ୍ପ ଚାଷର ମାର୍ଗଦର୍ଶନ କରିବାକୁ ହେଲେ କେବଳ କୃଷି ମେଳା କରିବାସହ ପ୍ରଚାର ପ୍ରସାର ଜରିଆରେ ଚାଷୀମାନଙ୍କୁ ସାମିଲ କରିବାକୁ ସେ ଦାବି କରିଛନ୍ତି।

ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ପ୍ରସନ୍ନ କୁମାର ସ୍ୱାଇଁ କହିଛନ୍ତି, କୃଷକ ସଂଗଠନକୁ ଆଜି ଡକାହୋଇଛି। ଏହି କୃଷି ଯନ୍ତ୍ରପାତି ମେଳା, ମତ୍ସ୍ୟ ଓ ପ୍ରାଣୀ ବିଭାଗ ମେଳା, ସୁଭଦ୍ରା ଶକ୍ତି ମେଳା ୭ ଦିନ ପର୍ଯ୍ୟନ୍ତ ଚାଲିବ। ଗୋଷ୍ଠୀ କୃଷି ଅଧିକାରୀମାନେ ପ୍ରତି ବ୍ଲକରୁ ଆଗୁଆ ଚାଷୀମାନଙ୍କୁ ଆଣିବା ପାଇଁ କୁହାଯାଇଛି ବୋଲି ସେ ସଫେଇ ଦେଇଥିଲେ।



ଶିବରାତ୍ରି ପାଇଁ ସଜେଇ ହୋଇଛି ବାଲିବନ୍ଧା ସୋମନାଥ ମନ୍ଦିର।

### ଡାକ୍ତର ଶଙ୍କର ରାମଚନ୍ଦାନୀଙ୍କ ଟଙ୍କିକିଆ କ୍ଲିନିକ୍‌କୁ ୫ ବର୍ଷ

# ଯୋଡ଼ିହେଲା ଫୁସ୍‌ଫୁସ୍ ଓ ଅସ୍ଥି ଘନତ୍ୱ ମାପକ ସେବା

**ସମ୍ବଲପୁର, ୧୩।୨ (ସମିସ) :** ଭୀମସାରର ସହକାରୀ ପ୍ରଫେସର ଡାକ୍ତର ଶଙ୍କର ରାମଚନ୍ଦାନୀ ସେବାମୂଳକ ମନୋଭାବ ନେଇ ଆରମ୍ଭ କରିଥିଲେ ଟଙ୍କିକିଆ କ୍ଲିନିକ୍। ମାତ୍ର ୧ ଟଙ୍କା ଦେଇ ଗରିବ, ଅସହାୟ ରୋଗୀ ଚିକିତ୍ସା ସୁବିଧା ପାଇପାରୁଥିଲେ। ପରେ ପରେ ବିଭିନ୍ନ ସେବା ସେ ୧ ଟଙ୍କାରେ ଆରମ୍ଭ କରିଥିଲେ। ଟଙ୍କିକିଆ ଡାକ୍ତର ଭାବେ ସେ ପ୍ରସିଦ୍ଧି ଲାଭ କରିବାସହ ରାଜ୍ୟ ସମେତ ଦେଶରେ ପ୍ରସିଦ୍ଧି ଲାଭ କରିଛନ୍ତି। ଶୁକ୍ରବାର ଟଙ୍କିକିଆ କ୍ଲିନିକ୍‌ର ୫ ବର୍ଷ ପୂର୍ତ୍ତି ଅବସରରେ ଡାକ୍ତର ରାମଚନ୍ଦାନୀଙ୍କ ଟଙ୍କିକିଆ କ୍ଲିନିକ୍‌ରେ ଆଉ ଦୁଇଟି ନୂତନ ସେବା ଯୋଡ଼ି ହୋଇଛି। ସେହି ପରୀକ୍ଷା ଦୁଇଟିର ମୂଲ୍ୟ ଅନ୍ୟ କ୍ଲିନିକ୍ ମାନଙ୍କରେ ମୋଟ ପ୍ରାୟ ୨ ହଜାର ଟଙ୍କାରୁ ଉର୍ଦ୍ଧ୍ୱ ଥିବାବେଳେ ଡା. ରାମଚନ୍ଦାନୀ ତାହାକୁ ମାତ୍ର ୧ ଟଙ୍କାରେ ଉପଲବ୍ଧ କରିବେ। ଫୁସ୍‌ଫୁସ୍ ରୋଗ ନିରୂପଣ ପାଇଁ ସ୍ପାଇରୋମେଟ୍ରି ଏବଂ ଅସ୍ଥି ଘନତ୍ୱ ମାପିବା ପାଇଁ ବିଏମ୍‌ଡି ଯନ୍ତ୍ର ଶୁଭାରମ୍ଭ କରାଯାଇଛି। ବିଏମ୍‌ଡି ଯନ୍ତ୍ର ଦ୍ୱାରା ବୋନମିନେରାଲ୍ ଅସ୍ଥିତ୍ୱ ଓ ଘନତ୍ୱ ମାପସହ ବିଭିନ୍ନ ସମସ୍ୟା ଜାଣିହେବ। ସେହିପରି ସ୍ପାଇରୋମେଟ୍ରି ମେସିନରେ ଫୁସଫୁସ୍ ଜନିତ ବିଭିନ୍ନ ରୋଗ ଆଦି ଜାଣିବାସହ ତାହାର ଉପଚାର କରିହେବ। ଏହାସହ ୧ ଟଙ୍କାରେ ଦିବ୍ୟାଙ୍ଗଙ୍କୁ ଆଶାବାଡ଼ି ମଧ୍ୟ ପ୍ରଦାନ କରାଯାଉଛି। ଆଜି ଏହି ନୂତନ ସେବା ଉଦ୍‌ଘାଟନୀ ଅବସରରେ ଡା. ରାମଚନ୍ଦାନୀଙ୍କ ପତ୍ନୀ ଡା. ଶିଖା ରାମଚନ୍ଦାନୀ ଓ ମାନ୍ୟଗଣ୍ୟ ବ୍ୟକ୍ତି ତଥା ବିଭିନ୍ନ ଜିଲ୍ଲାରୁ ଆସିଥିବା ରୋଗୀ ଉପସ୍ଥିତ ଥିଲେ। ଗତ ୫ ବର୍ଷ ମଧ୍ୟରେ ଟଙ୍କିକିଆ କ୍ଲିନିକ୍‌ରେ ୧ ଲକ୍ଷ ୩୫ ହଜାର ରୋଗୀ ସେବା ପାଇଥିବା ଜଣାପଡ଼ିଛି।

ମା' ସ୍ୱର୍ଗତ ଲାଜବନ୍ତୀ ରାମଚନ୍ଦାନୀଙ୍କ ସ୍ୱପ୍ନ ପୂରଣ ପାଇଁ ବୁର୍ଲାରେ ୨୦୨୧ ଫେବୃଆରୀ ୧୨ ତାରିଖରେ ଟଙ୍କିକିଆ କ୍ଲିନିକ୍‌ର ଶୁଭାରମ୍ଭ କରିଥିଲେ ଡା. ରାମଚନ୍ଦାନୀ। ଡା. ରାମଚନ୍ଦାନୀ ତାଙ୍କ ପରିବାରର ୯ ଜଣ ସନ୍ତାନଙ୍କ ମଧ୍ୟରେ ସର୍ବକନିଷ୍ଠ। କୋଭିଡ ସମୟରେ ଡାକ୍ତରଖାନାରେ ଗରିବ ଓ ଅସହାୟ ରୋଗୀମାନେ ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ହେଉଥିବା ଦେଖି ସେମାନଙ୍କ ସେବା ଯୋଗାଇ ଦେବାକୁ ସେ ଟଙ୍କିକିଆ କ୍ଲିନିକ୍ ଆରମ୍ଭ କରିଥିଲେ। ପ୍ରଥମେ ୧ ଟଙ୍କାରେ ରୋଗୀ ଚିକିତ୍ସା ଏବଂ ପରବର୍ତ୍ତୀ ସମୟରେ ୧ ଟଙ୍କାରେ ଔଷଧ ସେବା, ୧ ଟଙ୍କାରେ ଇସିଜି ସେବା, ୧ ଟଙ୍କାରେ ନେବୁଲାଇଜର୍, ୧ ଟଙ୍କାରେ ଆଶାବାଡ଼ି ଏବଂ ଗତବର୍ଷ ତାଙ୍କ ଦନ୍ତ ଚିକିତ୍ସକ ପତ୍ନୀ ୧ ଟଙ୍କାରେ ଦନ୍ତ ଚିକିତ୍ସା ସେବା ଆରମ୍ଭ କରିଛନ୍ତି। ଚଳିତଥର ଆରମ୍ଭ କରିଥିବା ୧ ଟଙ୍କାରେ ଫୁସ୍‌ଫୁସ୍ ସ୍ୱାସ୍ଥ୍ୟ ପରୀକ୍ଷା ଏବଂ ୧ ଟଙ୍କାରେ ଅସ୍ଥି ଘନତ୍ୱ ପରୀକ୍ଷା କରିବା, ଯେଉଁଟା କି ଅନ୍ୟ ସ୍ଥାନ ମାନଙ୍କରେ ମୋଟ ଦୁଇ ହଜାର ଟଙ୍କାରୁ ଅଧିକ ମୂଲ୍ୟ ପଡୁଛି, ତାହା ରାଜ୍ୟ କାହିଁକି ଦେଶରେ ବିରଳ କହିଲେ ଅତ୍ୟୁକ୍ତି ହେବନାହିଁ।

ଡାକ୍ତର ଶଙ୍କର ରାମଚନ୍ଦାନୀ କହିଛନ୍ତି, ଏଭଳି ୧ ଟଙ୍କାରେ ସ୍ପାଇରୋମେଟ୍ରି ଓ ବିଏମ୍‌ଡି ପରୀକ୍ଷା ଉପଲବ୍ଧ କରିବା ବୋଧହୁଏ ଭାରତରେ ପ୍ରଥମ। ଆଗକୁ ଏଭଳି ସେବା ଚାଲିବ। ମା'ଙ୍କ ସ୍ୱପ୍ନକୁ ସାକାର କରିବା ପାଇଁ ପ୍ରୟାସ ଜାରି ରହିଛି। ଅଧିକରୁ ଅଧିକ ଗରିବ ଓ ନିଷ୍ପେଷିତ ଲୋକ ଉପକୃତ ହୁଅନ୍ତୁ। ଏହାର ଉଦ୍ଦେଶ୍ୟ ହେଉଛି ସମାଜର ନିମ୍ନସ୍ତରର ତଥା ବଞ୍ଚିତ ରୋଗୀ ସେମାନଙ୍କୁ ଯେଭଳି ଉତ୍ତମ ସ୍ୱାସ୍ଥ୍ୟ ସେବା ପ୍ରଦାନ କରାଯାଇପାରିବ। ଆଗାମୀ ଦିନରେ ଏହି ସେବାକୁ ଉନ୍ନତ କରିବା ପାଇଁ ଚେଷ୍ଟା କରାଯିବ ବୋଲି ସେ ମତବ୍ୟକ୍ତ କରିଛନ୍ତି।





### ନାବାଳିକା ଦୁଷ୍କର୍ମ ଉଦ୍ୟମ ମାମଲା

# ଅଭିଯୁକ୍ତକୁ ୨୦ ବର୍ଷ ଜେଲ୍ ଓ ୫୦ ହଜାର ଜରିମାନା

**ସମ୍ବଲପୁର, ୧୩।୨ (ସମିସ) :** ସମ୍ବଲପୁର ଅତିରିକ୍ତ ଜିଲ୍ଲା ଜଜ୍ ତଥା ସ୍ୱତନ୍ତ୍ର ପୋକ୍‌ସୋ ଅଦାଲତ ବିଚାରପତି ଅଭିଳାଷ ସେନାପତି ନାବାଳିକା ଦୁଷ୍କର୍ମ ଉଦ୍ୟମ ମାମଲାର ବିଚାରକରି ଅଭିଯୁକ୍ତ ଭୀଷ୍ମ ପୁଲେଇଙ୍କୁ ଦୋଷୀ ସାବ୍ୟସ୍ତ କରିବାସହ ୨୦ ବର୍ଷ ସଶ୍ରମ କାରାଦଣ୍ଡ ଓ ୫୦ ହଜାର ଟଙ୍କା ଜରିମାନା କରିଛନ୍ତି। ଜୋରିମାନା ଅନାଦେୟ ହେଲେ ଆଉ ଏକ ବର୍ଷ ଅଧିକ ଜେଲଦଣ୍ଡ ଭୋଗିବେ ବୋଲି ରାୟରେ ପ୍ରକାଶ କରିଛନ୍ତି।

ଘଟଣାଟି ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଥାନା ଅଞ୍ଚଳରେ ଘଟିଥିଲା। ରେଢ଼ାଖୋଲ ଥାନାରେ ପିଡ଼ିତାଙ୍କ ବାପା ଲିଖିତ ଅଭିଯୋଗ କରିଥିଲେ ଯେ, ୬-୫-୨୦୨୨ ତାରିଖ ସେ ତାଙ୍କ ପୁଅର ଚିକିତ୍ସା ପାଇଁ ପତ୍ନୀ ଓ ପୁଅଙ୍କୁ ନେଇ ନିକଟସ୍ଥ ଏକ ମେଡିକାଲକୁ ଯାଇଥିଲେ। ଅନୁପସ୍ଥିତିର ସୁଯୋଗ ନେଇ ସେହିଦିନ ଅପରାହ୍ଣ ପ୍ରାୟ ୪ଟାରେ ଘରେ ପିଡ଼ିତା ଏକାକୀ ଥିବା ସମୟରେ ଅଭିଯୁକ୍ତ ଭୀଷ୍ମ ପୁଲେଇ ଜବରଦସ୍ତି ଦୁଷ୍କର୍ମ କରିଥିଲା। ଖବର ପାଇ ବାପାମା' ଦୁହେଁ ଘରକୁ ଆସି ପୁଲିସକୁ ଖବର ଦେଲେ। ପୁଲିସ ଅଭିଯୁକ୍ତକୁ ଧରି ଥାନାରେ ଅଟକ ରଖିଥିଲା। ପିଡ଼ିତାର ମାଟ୍ରିକ ପରୀକ୍ଷା ଚାଲିଥିବାରୁ ପରଦିନ ୭ ତାରିଖ ଥାନାରେ ମାମଲା ରୁଜୁ ହେଲା। ଅଭିଯୋଗ ପାଇବାପରେ ରେଢ଼ାଖୋଲ ଥାନାଧିକାରୀ କେସ ନଂ. ୯୯/୭-୫-୨୦୨୧ ଦଫା ୩୭୬ ଆଇପିସି ଏବଂ ସେକ୍ସନ ୬ ପୋକ୍‌ସୋ ଆକ୍ଟରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲେ। ଅଭିଯୁକ୍ତ ଭୀଷ୍ମ ପୁଲେଇକୁ ଗିରଫ କରି କୋର୍ଟଚାଲାଣ କରାଗଲା। ଶାସନ ଥାନାଧିକାରୀ ଘଟଣାର ତଦନ୍ତ କରି ଅଭିଯୁକ୍ତ ବିରୋଧରେ ଚାର୍ଜସିଟ୍ ଦାଖଲ କରିଥିଲେ। ଅତିରିକ୍ତ ଜିଲ୍ଲା ଜଜ୍ ଓ ପୋକ୍‌ସୋ ବିଚାରପତି ଅଭିଳାଷ ସେନାପତି ୨୦ ଜଣଙ୍କ ସାକ୍ଷ୍ୟପ୍ରମାଣ ଓ ତଥ୍ୟ ଆଧାରରେ ଶୁଣାଣି କରି ଅଭିଯୁକ୍ତ ଭୀଷ୍ମ ପୁଲେଇକୁ ଦୋଷୀ ସାବ୍ୟସ୍ତ କରି ସେକ୍ସନ ୪(୨) ପୋକ୍‌ସୋ ଆକ୍ଟରେ ୨୦ ବର୍ଷ ସଶ୍ରମ କାରାଦଣ୍ଡ ଓ ୫୦ ହଜାର ଟଙ୍କା ଜୋରିମାନା କରିଛନ୍ତି। ଜୋରିମାନା ଅନାଦେୟ ହେଲେ ଆଉ ୧ ବର୍ଷ ଅଧିକ ଜେଲଦଣ୍ଡ ଭୋଗିବେ ବୋଲି ରାୟରେ ପ୍ରକାଶ କରିଛନ୍ତି। ଏହାସହ ଦଫା ୪୫୦ ଆଇପିସିରେ ୭ ବର୍ଷ ସଶ୍ରମ କାରାଦଣ୍ଡ ଓ ୨୦ ହଜାର ଟଙ୍କା ଜରିମାନା କରିଛନ୍ତି। ଜୋରିମାନା ଅନାଦେୟ ହେଲେ ଆଉ ୬ ମାସ ଅଧିକ ଜେଲଦଣ୍ଡ ଭୋଗିବେ। ଉଭୟ ଦଣ୍ଡାଦେଶ ଏକକାଳୀନ ଚାଲିବ। ବିଚାରପତି ଶ୍ରୀ ସେନାପତି ଓଡ଼ିଶା ପିଡ଼ିତା କ୍ଷତିପୂରଣ (ସଂଶୋଧନ) ଯୋଜନା, ୨୦୨୫ ଅନୁଯାୟୀ ପିଡ଼ିତାଙ୍କୁ ୧୦ ଲକ୍ଷ ଟଙ୍କାର ଆର୍ଥିକ କ୍ଷତିପୂରଣ ପ୍ରଦାନ କରିବାକୁ ଜିଲ୍ଲା ଆଇନସେବା ପ୍ରାଧିକରଣ, ସମ୍ବଲପୁରକୁ ନିର୍ଦ୍ଦେଶ ଦେଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ପ୍ରସନ୍ନ କୁମାର ସାହୁ ମାମଲା ପରିଚାଳନା କରିଥିଲେ।

# ବୁର୍ଲାରେ ୩ ଦିନିଆ କ୍ରିକେଟ ଟୁର୍ଣ୍ଣାମେଣ୍ଟ



**ସମ୍ବଲପୁର, ୧୩।୨ (ସମିସ):** ରମେଶ ବିଶ୍ୱାଳ ଏବଂ କମଲ ବାହାଦୁର ଦୁଇ ଜଣ ବୁର୍ଲାର ବିଶିଷ୍ଟ କ୍ରିକେଟ୍ ଖେଳାଳିଙ୍କ ବିୟୋଗ ପରେ ତାଙ୍କ ସ୍ମୃତିରେ ଆଜି ଠାରୁ ୩ ଦିନିଆ କ୍ରିକେଟ ଟୁର୍ଣ୍ଣାମେଣ୍ଟ ସ୍ଥାନୀୟ ତେଲୁଗୁପଡ଼ା ପଡ଼ିଆରେ ଉଦ୍‌ଘାଟିତ ହୋଇଛି। ଅଲ୍ ବୁର୍ଲା କ୍ରିକେଟ ଲଭର୍ସଙ୍କ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ଟୁର୍ଣ୍ଣାମେଣ୍ଟକୁ ଡାକ୍ତର ସଞ୍ଜୀବ କୁମାର ମିଶ୍ର ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଉଦ୍‌ଘାଟନ କରିଥôଲେ। ଏବିଭିପିର ପଶ୍ଚିମ ପ୍ରାନ୍ତ ମିଡ଼ିଆ ପ୍ରଭାରୀ ବିଜୟ କଲତା ଏବଂ ଡାକ୍ତର ରଞ୍ଜନ କୁଜୁର୍ ଅତିଥି ଭାବରେ ଯୋଗଦେଇଥିଲେ। ଉଦ୍‌ଘାଟନୀ ମ୍ୟାଚ ସମଲେଶ୍ୱରୀ କ୍ଲବ୍ ଏବଂ ତେଜସ କ୍ଲବ୍ ମଧ୍ୟରେ ହୋଇଥିଲା। ତେଜସ କ୍ଲବ୍ ପ୍ରଥମେ ବ୍ୟାଟିଂ କରି ୮ ଓଭର୍‌ରେ ୭୬ ରନ କରିଥିଲେ, ସମଲେଶ୍ୱରୀ କ୍ଲବ ନିର୍ଦ୍ଧାରିତ ଓଭରରେ ୬ ୱିକେଟ୍ ବିନିମୟରେ ରନ କରି ବିଜୟ ଲାଭ କରିଥିଲେ। ଦ୍ୱିତୀୟ ମ୍ୟାଚରେ ଏକ୍ସ-ଫେକ୍ଟର ହୀରାକୁଦ ଦଳ ବିଜୟୀ ହୋଇଥିଲେ। ସମ୍ବଲପୁର ଜିଲ୍ଲାରୁ ୧୬ ଟି ଦଳ ମ୍ୟାଚ୍‌ରେ ଅଂଶଗ୍ରହଣ କରିବେ।

# ଘରେ ପଶି ନେଇଗଲେ ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର

**ସମ୍ବଲପୁର, ୧୩।୨(ସମିସ):** ସଦର ଥାନା ଅଞ୍ଚଳରେ ବଡ଼ ଚୋରି। ତାହା ପୁଣି ରାତିରେ ନୁହେଁ। ଦିନ ସାଢେ ୧୧ଟା ବେଳେ ଘରେ କେହି ନଥିବା ବେଳେ ଏହି ଅଘଟଣ ଘଟିଯାଇଛି। ସଦର ଥାନା ମାନେଶ୍ୱରରେ ଏକ ଘରୁ ୬ ଜଣିଆ ଯାଯାବର ଗ୍ରୁପ୍ କେହି ନଥିବା ବେଳେ ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ଚୋରି କରି ନେଇଥିବା ଅଭିଯୋଗ ହୋଇଛି। ଏ ନେଇ ସଦର ଥାନାରେ ମନିଶା ସିଂ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁସାରେ ମନିଶା ଓ ତାଙ୍କ ସ୍ୱାମୀ ଘରେ ତାଲା ପକାଇ ପ୍ରତିଦିନ ପରି ନିଜ କାମରେ ବାହାରକୁ ଯାଇଥିଲେ। ଅପରାହ୍ନରେ ଘରକୁ ଖାଇବାକୁ ଆସିବା ବେଳେ ଏ ସମ୍ପର୍କରେ ଜାଣିବାକୁ ପାଇଥିଲେ। କିଛି ଦୁର୍ବୃତ୍ତ ଘର ଆଲମାରି ଭାଙ୍ଗି ଭିତରୁ ୫୦ରୁ ୬୦ ଗ୍ରାମ ସୁନା ଅଳଙ୍କାର, ୫ଶହ ଗ୍ରାମରୁ ଅଧିକ ରୁପା ଓ ୧୩ ହଜାର ଟଙ୍କା ଲୁଟି ନେଇଛନ୍ତି। ସିସିଟିଭି ଆଧାରରେ ଦୁଇ ଜଣ ମହିଳା, ୩ଜଣ ଶିଶୁ ଓ ଜଣେ ପୁରୁଷ ଅଭିଯୋଗକାରୀଙ୍କ ଘରେ ଦିନ ସାଢେ ୧୧ଟା ବେଳେ ପଶି ଏହା କାରାନାମ କରିଥିଲେ। ଏ ନେଇ ସେ ସଦର ଥାନାରେ ଅଭିଯୋଗ କରିଛନ୍ତି। ହେଲେ ପୁଲିସ ଏପର୍ଯ୍ୟନ୍ତ ଅଭିଯୁକ୍ତଙ୍କ ଟେର୍ ପାଇନି। ସୂଚନା ଅନୁସାରେ ଏହି ଗ୍ରୁପ୍ ସହରର ଆତଙ୍କ ଖେଳାଇଛନ୍ତି। ଭିକ ମାଗିବା ବାହାନାରେ ସହରର ବିଭିନ୍ନ ଅଞ୍ଚଳ ବୁଲୁଛନ୍ତି। କେଉଁ ଘରେ ଲୋକେ କେତେବେଳେ ରହୁନାହାନ୍ତି, ବାହାରକୁ କେଉଁ ସମୟରେ ବାହାରକୁ ଯାଉଛନ୍ତି, କେତେବେଳ ଘରକୁ ଫେରୁଛନ୍ତି ଏ ନେଇ ରେକି କରୁଛନ୍ତି। ପରେ ଦିନ ବେଳେ ଭିକ ମାଗିବା ବାହାନାରେ ଘରକୁ ଯାଉଛନ୍ତି। ଘରେ କେହି ନଥିଲେ, ବାହାରେ କିଛି ଲୋକ ରହୁଛନ୍ତି ଓ ଅନ୍ୟ କେତେଜଣ ଭିତରକୁ ଯାଇ ସର୍ବସ୍ୱ ଲୁଟି ନେଉଛନ୍ତି। କିଛି ଦିନ ପୂର୍ବରୁ ଅଇଁଠାପାଲି ଥାନା ଅଞ୍ଚଳରେ ମଧ୍ୟ ଏଭଳି ଘଟଣା ଘଟିଥିଲା। ହେଲେ ପୁଲିସ ଏବେ ଯାଏଁ କାହାର ଟେର୍ ପାଇ ପାରୁନି। ସଦର ପୁଲିସ ଏ ଘଟଣା ଗୁରୁତର ସହ ନେଇ ଅଭିଯୁକ୍ତମାନଙ୍କୁ ଗିରଫ କରିବାକୁ ମନିସା ଦାବି କରିଛନ୍ତି। ଚୋରି ସମସ୍ତ ସୁନା ଅଳଙ୍କାର କିଭଳି ଫେରି ପାଇବେ ସେ ନେଇ ସେ ପୁଲିସକୁ ଅନୁରୋଧ କରିଛନ୍ତି।



## ସହରରେ ଆତଙ୍କ ଖେଳାଇଛନ୍ତି ଯାଯାବର

## ପୂର୍ବରୁ ଅଇଁଠାପାଲି ଅଞ୍ଚଳରେ କଳାକନା ବୁଲାଇଥିଲେ

# ଜଗନ୍ନାଥ ଦର୍ଶନ ପାଇଁ ସମ୍ବଲପୁରରୁ ଗଲେ ୭୪ ଯାତ୍ରୀ

**ସମ୍ବଲପୁର, ୧୩।୨ (ସମିସ)**

ଶ୍ରୀ ଜଗନ୍ନାଥ ଦର୍ଶନ ପାଇଁ ସମ୍ବଲପୁର ଜିଲ୍ଲାରୁ ବାହାରିଛନ୍ତି ଆଜି ୭୪ ଜଣ ବରିଷ୍ଠ ନାଗରିକ। ଦୁଇଟି ବସ୍‌ରେ ଯାତ୍ରୀମାନେ ବାହାରିଥିବାବେଳେ ଜିଲ୍ଲାର ବିଭିନ୍ନ ବ୍ଲକରୁ ପୁରୁଷ ଓ ମହିଳାଙ୍କ ସହ ଡାକ୍ତରୀ ଦଳ ଓ ଏସ୍କର୍ଟ ଦଳ ରହିଛନ୍ତି। ସେମାନଙ୍କ ମଧ୍ୟରେ ରେଢ଼ାଖୋଲରୁ ୫ ଜଣ, ରେଢ଼ାଖୋଲ ବିଜ୍ଞାପିତ ଅଞ୍ଚଳ ପରିଷଦରୁ ୫ ଜଣ, ନାକଟିଦେଉଳରୁ ୬ ଜଣ, ଯୁଯୋମୁରାରୁ ୯ ଜଣ, କୁଚିଣ୍ଡାରୁ ୧୫ ଜଣ, କୁଚିଣ୍ଡା ବିଜ୍ଞାପିତ ଅଞ୍ଚଳ ପରିଷଦରୁ ୩ ଜଣ, ଜମନକିରାରୁ ୧୦ ଜଣ, ରେଙ୍ଗାଲିରୁ ୮ ଜଣ, ଧନକଉଡ଼ାରୁ ୪ ଜଣ ଏବଂ ସମ୍ବଲପୁର ପୌରାଞ୍ଚଳରୁ ୯ ଜଣ ତୀର୍ଥଯାତ୍ରୀ ଅନ୍ତର୍ଭୁକ୍ତ ଅଛନ୍ତି। ଆଜି ନବରଙ୍ଗପୁରଠାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ 'ଶ୍ରୀଜଗନ୍ନାଥ ଦର୍ଶନ ଯୋଜନା'ର ଶୁଭାରମ୍ଭ କରିଛନ୍ତି। ଏହିକ୍ରମରେ ଜିଲ୍ଲା ପ୍ରେକ୍ଷାଳୟ 'ତପସ୍ୱିନୀ'ଠାରେ ଜିଲ୍ଲାସ୍ତରୀୟ ଶ୍ରୀଜଗନ୍ନାଥ ଦର୍ଶନ ଯୋଜନାର ଶୁଭାରମ୍ଭ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଠାରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍‌ଘାଟନୀ ସଭାର ସିଧା ପ୍ରସାରଣ କରାଯାଇଥିଲା। ସମ୍ବଲପୁର କାର୍ଯ୍ୟକ୍ରମରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଓ ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର ଯୋଗ ଦେଇଥିଲେ। ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଅଶୋକ କୁମାର ଭୋଇଙ୍କ ସମେତ ବରିଷ୍ଠ ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ଥିଲେ। ସମସ୍ତ ତୀର୍ଥଯାତ୍ରୀଙ୍କୁ କିଟ୍ ବଣ୍ଟନ କରାଯାଇଥିଲା। ଯାତ୍ରୀ ମାନଙ୍କ ସୁବିଧା ପାଇଁ ଉଭୟ ବସ୍‌ରେ ଖାଦ୍ୟ ଓ ପାନୀୟ ବ୍ୟବସ୍ଥା ସହ ଦୁଇଟି ଡାକ୍ତରୀ ଦଳ ଏବଂ ୪ ଜଣ ଏସ୍କର୍ଟ ଅଧିକାରୀ ସଙ୍ଗରେ ଯାଉଛନ୍ତି।

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ତାଙ୍କ ବକ୍ତବ୍ୟରେ କହିଲେ ଯେ, ଶ୍ରୀଜଗନ୍ନାଥଙ୍କ ଦର୍ଶନ ହେଉଛି ଶ୍ରେଷ୍ଠ ଦର୍ଶନ। ଏହି ସୌଭାଗ୍ୟ ପ୍ରଥମ ପର୍ଯ୍ୟାୟରେ ଆଜି ଆମ ଜିଲ୍ଲାର ଆର୍ଥିକ ଅନଗ୍ରସର ୭୪ ଜଣ ବରିଷ୍ଠ ନାଗରିକଙ୍କୁ ମିଳିଛି। ସମସ୍ତଙ୍କ ଯାତ୍ରା ସୁଖମୟ ଓ ନିରାପଦମୟ ହେଉ ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ କାମନା କରିବାସହ ଏସ୍କର୍ଟ ଅଧିକାରୀମାନେ ତୀର୍ଥଯାତ୍ରୀଙ୍କ ସୁବିଧା ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦେବାକୁ ପରାମର୍ଶ ଦେଇଥିଲେ।



## କଳାକାରଙ୍କୁ ଅସମ୍ମାନ, ତଳେ ବସିଲେ



**ସମ୍ବଲପୁର, ୧୩।୨ (ସମିସ) :** କାର୍ଯ୍ୟକ୍ରମ ପାଇଁ କଳାକାରଙ୍କୁ ଡାକି ଆଣିଲେ। ହେଲେ ସମ୍ମାନ ଟିକେ ଦେଲେନାହିଁ। କଳାକାରଙ୍କୁ ଜାଗା ନ ଦେବାରୁ ଦୀର୍ଘ ସମୟ ଧରି ତଳେ ବସି ରହିଥିଲେ। ସୂଚନା ଅନୁସାରେ 'ତପସ୍ୱିନୀ' ହଲରେ ଶ୍ରୀଜଗନ୍ନାଥ ଦର୍ଶନ ଯୋଜନାର ଶୁଭାରମ୍ଭ ହୋଇଛି। କାର୍ଯ୍ୟକ୍ରମ ପୂର୍ବରୁ ତୀର୍ଥଯାତ୍ରୀଙ୍କ ସମେତ ଅନେକ କଳାକାର ଉପସ୍ଥିତ ଥିଲେ। କିଛି କଳାକାର ପାଲା କରିବାକୁ ଆସିଥିଲେ। ଉଦ୍‌ଘାଟନୀ କାର୍ଯ୍ୟକ୍ରମ ପୂର୍ବରୁ ସେମାନେ ପାଲା କରି ଲୋକଙ୍କୁ ମନୋରଞ୍ଜନ କରୁଥିଲେ। ପରେ ମଞ୍ଚରେ ଅତିଥି ମାନେ ପହଞ୍ଚିବା ପରେ ସେମାନେ ଗୋଟାଏ କଡ଼ରେ ଛିଡ଼ା ହୋଇଥିଲେ। ଅନେକ ସମୟ ଛିଡ଼ା ହେବାପରେ ବସିବାର କୌଣସି ସୁବିଧା ଆୟୋଜକଙ୍କ ପକ୍ଷରୁ କରାଯାଇନଥିଲା। ଯାହା ଫଳରେ ୫ରୁ ଅଧିକ କଳାକାର ତଳେ ବସି ରହିଥିଲେ। ଦୀର୍ଘ ସମୟ ଧରି ତଳେ ବସିରହିବାରୁ, ଏ ସମ୍ପର୍କରେ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ପରେ ଜିଲ୍ଲାପାଳ ସେମାନଙ୍କ ବସିବାର ବ୍ୟବସ୍ଥା କରିଥିଲେ। କଳାକାରଙ୍କ ଅସମ୍ମାନକୁ ନେଇ ସାଧାରଣରେ ନିନ୍ଦା କରାଯାଉଛି।

● ନାବାଳିକା ଦୁଷ୍କର୍ମ ମାମଲା

# ଅଭିଯୁକ୍ତକୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ

ରେଢ଼ାଖୋଲ, ୧୩।୨(ସମିସ): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଥାନା ଅଞ୍ଚଳରେ ଜଣେ ଦଶମଶ୍ରେଣୀରେ ଅଧ୍ୟୟନ କରୁଥିବା ୧୫ ବର୍ଷୀୟା ନାବାଳିକାଙ୍କୁ ଦୁଷ୍କର୍ମ କରିବା ମାମଲାରେ ବିଚାରପତି ଅଭିଳାଷ ସେନାପତି ଦୁଷ୍କର୍ମ ଅଭିଯୁକ୍ତକୁ କଠୋର ଦଣ୍ଡାଦେଶ ଶୁଣାଇଛନ୍ତି। ସୂଚନା ଯୋଗ୍ୟ ଯେ ୨୦୨୨ ମସିହା ମେ' ମାସରେ ନାବାଳିକାଙ୍କ ପରିବାର ଲୋକେ ଚିକିତ୍ସା ପାଇଁ ବାହାରକୁ ଯାଇଥିବା ବେଳେ ନାବାଳିକାଙ୍କୁ ଘରେ ଏକା ଛାଡ଼ିଚାଲିଯାଇଥିଲେ। ଏହାର ସୁଯୋଗନେଇ ରେଢ଼ାଖୋଲ ଥାନା ଅଧୀନ ଦଲକି ଗ୍ରାମର ଭୀଷ୍ମ ପୁଲେଇ ଦୁଷ୍କର୍ମ କରିଥିଲେ। ଏହା ଜାଣିବା ପରେ ପୀଡ଼ିତାଙ୍କ ବାପା ତୁରନ୍ତ ଘରକୁ ଆସିଥିଲେ। ନାବାଳିକାଙ୍କ ମାଟ୍ରିକ ପରୀକ୍ଷା ଚାଲିଥିବା କାରଣରୁ ଗୋଟିଏ ଦିନ ବିଳମ୍ବରେ ପରିବାର



ଲୋକେ ରେଢ଼ାଖୋଲ ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ଏହି ମାମଲାରେ ମାନ୍ୟବର କୋର୍ଟ ସମସ୍ତ ସାକ୍ଷ୍ୟ ଓ ପ୍ରମାଣକୁ ଆଧାର କରି ଉକ୍ତ ଅଭିଯୁକ୍ତଙ୍କୁ ପୋକ୍ସ ଆକ୍ଟର ଧାରା ୪(୨) ଅନୁଯାୟୀ ୨୦ ବର୍ଷ ସଶ୍ରମ କାରାଦଣ୍ଡ ଓ ୫୦, ୦୦୦ ଟଙ୍କା ଜରିମାନା ଆଦେଶ କରିଛନ୍ତି। ଏଥିରେ ୫୦ ହଜାର ଟଙ୍କା ଜରିମାନା ପ୍ରଦାନ ନ କଲେ ଅତିରିକ୍ତ ଏକ ବର୍ଷ କାରାଦଣ୍ଡ ଆଦେଶ ପ୍ରଦାନ କରିଥିଲେ। ଏବଂ ଆଇପିସି ଧାରା ୪୫୦ ଅନୁଯାୟୀ ୭ ବର୍ଷ ଜେଲ୍ ଓ ୨୦, ୦୦୦ ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଏଥି ସହିତ 'ଓଡ଼ିଶା ପୀଡ଼ିତା କ୍ଷତିପୂରଣ (ସଂଶୋଧନ) ଯୋଜନା, ୨୦୨୫' ଅନୁଯାୟୀ ପୀଡ଼ିତାଙ୍କୁ ୧୦ ଲକ୍ଷ ଟଙ୍କାର ଆର୍ଥିକ କ୍ଷତିପୂରଣ ପ୍ରଦାନ କରିବାକୁ (ଡିଏଲ୍ଏସ୍ଏ) ସମ୍ବଲପୁରକୁ ନିର୍ଦ୍ଦେଶ ଦେଇଛନ୍ତି।

# ଲୋକମୁକ୍ତି ସଂଗଠନ ପକ୍ଷରୁ ଶ୍ରମିକ ଅଧିକାର ଶୋଭାଯାତ୍ରା

କୁଚିଣ୍ଡା, ୧୩।୨(ସମିସ)

ଲୋକମୁକ୍ତି ସଂଗଠନ ବାମରା କ୍ଷେତ୍ର ପକ୍ଷରୁ ଶୁକ୍ରବାର ଦିନ ଏକ 'ଶ୍ରମିକ ଅଧିକାର ଶୋଭାଯାତ୍ରା' ଅନୁଷ୍ଠିତ ହୋଇଛି। ଏଥିରେ 'ଭିବି-ଜି ରାମ-ଜି', ୪ ଗୋଟି ନୂତନ ଶ୍ରମ ସଂହିତାକୁ ପ୍ରତ୍ୟାହାର କରି ପୂର୍ବ ପ୍ରଚଳିତ ମନରେଗା ଆଇନ ପୁନଃ ଲାଗୁ କରିବା ସହ ଶ୍ରମିକଙ୍କ ସାମାଜିକ ସୁରକ୍ଷା ବ୍ୟବସ୍ଥା କରିବାକୁ ଦୃଢ଼ ଦାବି କରାଯାଇଛି। ବିରାଟ ଶୋଭାଯାତ୍ରାରେ ପ୍ରାୟ ୧ ହଜାରରୁ ଅଧିକ ମହିଳା ପୁରୁଷ ଶ୍ରମିକ ସାମିଲ ହୋଇ ସ୍ଥାନୀୟ ପୂର୍ତ୍ତବିଭାଗ ଡାକବଙ୍ଗଳା ଠାରୁ ବାହାରି ବିଡିଓଙ୍କ ଅଫିସ ପର୍ଯ୍ୟନ୍ତ ଯାଇଥିଲା। ବାମରା ବ୍ଲକ ସଭାପତି ପାତ୍ର ବାଘଙ୍କ ସଭାପତିତ୍ୱରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। କେନ୍ଦ୍ରୀୟ ସାଧାରଣ ସମ୍ପାଦକ ଗ୍ରେଗୋରୀ ସାମାଦଙ୍କ ସଭାପତିତ୍ୱରେ ମୁଖ୍ୟ ସଂଯୋଜକ ଉମାକାନ୍ତ ନାଏକ କାର୍ଯ୍ୟକ୍ରମର ଲକ୍ଷ୍ୟ ଉଦ୍ଦେଶ୍ୟ ସମ୍ପର୍କରେ ଅବଗତ କରାଇଥିଲେ। ଲୋକମୁକ୍ତି ସଂଗଠନର




ଉପଦେଷ୍ଟା ଅନନ୍ତ ମୁଖ୍ୟବକ୍ତା ଭାବେ ଯୋଗଦେଇ ନୂତନ 'ବିଭି-ଜି ରାମ-ଜି' ଏବଂ ଶ୍ରମିକ ବିରୋଧି ନୂତନ ୪ ଶ୍ରମ ସଂହିତା ବିରୋଧରେ କହି ସରକାରଙ୍କୁ ତୀବ୍ର ସମାଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଂଯୋଜକ ଜିନିତ ସାମାଦ, ସଂଯୋଜକ ରବୀନ୍ଦ୍ର ନାଏକ, ସରପଞ୍ଚ ବିମଳ ଲାକ୍ରା, ସାଗରା ସମିତିସଭ୍ୟ ହାବିଲ ଏକ୍କା, ଆସିୟାନି ସୁରିନ, ସିମନ ସାମାଦ, ସୁଲେମାନ ଟେଟେ ପ୍ରମୁଖ ନିଜ ନିଜ ବକ୍ତବ୍ୟ ରେ ସରକାରଙ୍କ ଶ୍ରମିକ ମାରଣ ନୀତିକୁ ସମାଲୋଚନା କରିଥିଲେ। ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୧୪ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଥିଲା। ମୁଖ୍ୟତଃ ଭିବି ଜି ରାମ ଜି ଆଇନକୁ ପ୍ରତ୍ୟାହାର କରି ମନରେଗାକୁ ଲାଗୁ କରିବା, ଶ୍ରମ ସଂହିତାକୁ ବାତିଲ କରିବା, ୨୦୦ ଦିନର କାମ ଦେବା, ଅସଂଗଠିତ ଶ୍ରମିକଙ୍କ ମଜୁରୀ ୮୫୦ ଟଙ୍କା ଦେବା, ଶ୍ରମିକଙ୍କ ୬୦ ବର୍ଷ ପରେ ମାସିକ ୧୦ ହଜାର ଟଙ୍କା ଦେବା, ୫ ଲକ୍ଷ ଟଙ୍କାର ପକ୍କା ଘର ଦେବା, ୧୦ ଡିସିମିଲ ଜମି ସହ ଚାଷ ଜମି ଯୋଗାଇବା, ଜମି ବ୍ୟାଙ୍କ ନୀତି ପ୍ରତ୍ୟାହାର କରିବା, ଗ୍ରାମସଭା ଅଧିକାରକୁ ସୁନିଶ୍ଚିତ କରିବା, ମନରେଗା ଗାଁ ସାଥୀଙ୍କୁ ଦୈନିକ ମଜୁରୀ ଦେବା, ନୂତନ ଜବକାର୍ଡ ଯୋଗାଇ ଦେବା, ମଜୁରୀ ବୃଦ୍ଧି କରିବା, ଫୋଟୋ ଏବଂ ବାୟୋମେଟ୍ରିକ ବ୍ୟବସ୍ଥା ଉଚ୍ଛେଦ କରିବା ଆଦି ଦାବି କରାଯାଇଛି। ଅମ୍ଳାନ ତପନୋ, ବିରଞ୍ଚି ନିଖଣ୍ଡିଆ, ମାଙ୍ଗରା ସାଙ୍ଗା, ପରମେ କିସାନ, ସୀମା ବାର୍ଲା, କିଶୋରୀ ସୋଏ, ରେଶମା କୁଲୁ, ଫୁଲଦେଓ ସାମାଦ, ଜନସାନ ପୁର୍ତ୍ତି, ପାତ୍ରାସ ସାମାଦ, ଅର୍ଜ୍ଜୁନ କିସାନ, ମିନକୁ ଲାକ୍ରା ପ୍ରମୁଖ ଏଥିରେ ନେତୃତ୍ୱ ନେଇଥିଲେ। ବିଡିଓଙ୍କ ଅନୁପସ୍ଥିତିରେ ମୁଖ୍ୟ କିରାଣୀ ଜୟ ମଙ୍ଗଳ ସେଠ ଦାବିପତ୍ର ଗ୍ରହଣ କରିଥିଲେ। ବିବି-ଜି ରାମ-ଜି ଆଇନ୍, ୪ଟି ଶ୍ରମ ସଂହିତାକୁ ଶୀଘ୍ର ପ୍ରତ୍ୟାହାର କରା ନ ଗଲେ ଆଗାମୀ ଦିନରେ ଆନ୍ଦୋଳନକୁ ବ୍ୟାପକ କରାଯିବ ବୋଲି ସଂଗଠନ ପକ୍ଷରୁ ଚେତାବନୀ ଦିଆଯାଇଛି। ଗୋବିନ୍ଦପୁର ପୁଲିସ ଶାନ୍ତି ଶୃଙ୍ଖଳା ରକ୍ଷା କରିଥିଲେ।

# ଚଣ୍ଡୀଭଟାରେ କିଶୋରୀ ମେଳା

ଝାରବନ୍ଧ, ୧୩।୨(ସମିସ): ଝାରବନ୍ଧ ବ୍ଲକର ଚଣ୍ଡୀଭଟା ଗାଁରେ କିଶୋରୀ ମେଳା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସୁପରଭାଇଜର ହରିପ୍ରିୟା ସାହୁ ଯୋଗଦେଇ କିଶୋରୀମାନଙ୍କୁ ବିଭିନ୍ନ ସଚେତନତାମୂଳକ ବିଷୟରେ ମାର୍ଗଦର୍ଶନ ଦେଇଥିଲେ। ମେଳାରେ ଅଙ୍ଗନବାଡି କର୍ମୀମାନେ ସାମିଲ ହୋଇ କିଶୋରୀ ବାଳିକାମାନଙ୍କୁ ସ୍ୱାସ୍ଥ୍ୟ, ପୋଷଣ, ବ୍ୟକ୍ତିଗତ ସ୍ୱଚ୍ଛତା ଓ ଶିକ୍ଷାର ଗୁରୁତ୍ୱ




ସମ୍ପର୍କରେ ଜଣାଇଥିଲେ। ଏହାସହ କିଶୋରୀମାନେ ପ୍ରଶ୍ନୋତ୍ତର ଓ ଆଲୋଚନା କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ଆତ୍ମସଚେତନତା ବୃଦ୍ଧି କରିଥିଲେ। ସୁପରଭାଇଜର ହରିପ୍ରିୟା ସାହୁ କହିଥିଲେ ଯେ, କିଶୋରୀମାନେ ନିଜ ସ୍ୱାସ୍ଥ୍ୟ ଓ ଶିକ୍ଷା ପ୍ରତି ସଚେତନ ହେବା ଆବଶ୍ୟକ। ସରକାରୀ ଯୋଜନାର ସୁଯୋଗକୁ ସଠିକ ଭାବେ ଉପଭୋଗ କରିବା ଉଚିତ ବୋଲି ଆଲୋଚନା ହୋଇଥିଲା। ଏପରି କାର୍ଯ୍ୟକ୍ରମ ମାଧ୍ୟମରେ କିଶୋରୀମାନଙ୍କ ମଧ୍ୟରେ ଆତ୍ମବିଶ୍ୱାସ ଓ ସଚେତନତା ବୃଦ୍ଧି ପାଇଛି ବୋଲି ମତ ପ୍ରକାଶ ପାଇଛି।

# ଶିବରାତ୍ରି ପାଇଁ ଶୁଭସ୍ତମ୍ଭ ସ୍ଥାପିତ

ଅତାବିରା, ୧୩।୨(ସମିସ): ଅତାବିରା ବ୍ଲକ ଅଧୀନ ସରଣ୍ଡା ସ୍ଥିତ ପଶ୍ଚିମ ଓଡ଼ିଶାର ପ୍ରସିଦ୍ଧ ଅଷ୍ଟଶମ୍ଭୁ ଶୈବ ବିଶ୍ୱେଶ୍ୱର ବାବାଙ୍କ ପୀଠରେ ମହାଶିବରାତ୍ରି ପାଇଁ ଶୁକ୍ରବାର ଶୁଭସ୍ତମ୍ଭ ସ୍ଥାପିତ ହୋଇଯାଇଛି। ପଣ୍ଡିତ ରାକେଶ ମିଶ୍ରଙ୍କ ପୌରୋହିତ୍ୟରେ କର୍ତ୍ତା ସଚ୍ଚିଦାନନ୍ଦ ମିଶ୍ରଙ୍କ ଉପସ୍ଥିତିରେ ଶୁଭସ୍ତମ୍ଭ ସ୍ଥାପିତ ହୋଇଛି। ଏଥିରେ ସମ୍ପାଦକ ବିନୋଦ ମେହେର, କୋଷାଧ୍ୟକ୍ଷ ପ୍ରମୋଦ ମହାପାତ୍ର, ସଂଯୋଜକ ମନୋଜ ମହାପାତ୍ର, ଗୁଣନିଧି ମହାପାତ୍ର, ଶଶୀଭୂଷଣ ମହାପାତ୍ର, ଅନ୍ତର୍ଯ୍ୟାମୀ ମହାପାତ୍ର, କରୁଣାକର ମହାପାତ୍ର, ଲବ ମହାପାତ୍ର, ମଧୁସୂଦନ ମହାପାତ୍ର, ଏକାମ୍ବର ମହାପାତ୍ର, ସୁଦାମ ମହାପାତ୍ର, ଝସକେତନ ମହାପାତ୍ର, ପ୍ରଦୀପ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଅନ୍ୟପକ୍ଷେ ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ମନ୍ଦିର ପ୍ରତିଷ୍ଠା ମହୋତ୍ସବ ସଭାପତି ପ୍ରଶାନ୍ତ ମିଶ୍ର, ସମ୍ପାଦକ ଅଶୋକ ଦାଶ, ଉପସଭାପତି ସୁରେଶ କୌଶିକ ମଧ ଶୁଭସ୍ତମ୍ଭ ସ୍ଥାପନରେ ଉପସ୍ଥିତ ଥିଲେ। ଆସନ୍ତା ଫେବୃଆରୀ ୧୫ ତାରିଖ ମହା ଶିବରାତ୍ରି ମେଳା ପାଇଁ ସମସ୍ତ ପ୍ରସ୍ତୁତି ଚୂଡାନ୍ତ ହୋଇଛି। ନବ ପ୍ରତିଷ୍ଠିତ ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ମନ୍ଦିର ସହ ବାବା ବିଶ୍ୱେଶ୍ୱର ବାବାଙ୍କ ଦର୍ଶନ ପାଇଁ ପ୍ରବଳ



ଭିଡକୁ ଦୃଷ୍ଟିରେ ରଖି ଭକ୍ତଙ୍କ ସୁରକ୍ଷା ଏବଂ ଶୃଙ୍ଖଳିତ ଦର୍ଶନ ପାଇଁ ମନ୍ଦିର ପରିଚାଳନା କମିଟି ଓ ଅତାବିରା ପୁଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ରବିବାର ପାହାନ୍ତିଆ ୩ଟାରେ ମନ୍ଦିର ଦ୍ୱାର ଖୋଲାଯିବ। ସକାଳ ୧୦ ଟା ୧୦ ମିନିଟରେ ବିଶ୍ୱେଶ୍ୱର ବାବାଙ୍କ ମନ୍ଦିରରୁ ବାବା ଚନ୍ଦ୍ରଶେଖର ବର୍ଷକୁ ଥରେ ଗ୍ରାମ୍ୟ ପରିକ୍ରମାରେ ସରଣ୍ଡା ପରିକ୍ରମା କରିବେ। ବାବାଙ୍କ ପରିକ୍ରମା ପରେ ସନ୍ଧ୍ୟା ୬ଟାରେ ଶିବରାତ୍ରି ଜାଗର ମେଳା ପ୍ରହର ପୂଜା ଆରମ୍ଭ ହୋଇ ପ୍ରତି ୩ ଘଣ୍ଟାରେ ୧୦୮ ଆଳତି ଦୀପ ଦାନ କରି ସୋମବାର ପାହାନ୍ତିଆ ୩ ଟା ୪୨ ମିନିଟ ସମୟରେ ମହା ଦୀପ ମନ୍ଦିର ଶିଖରକୁ ଉଠାଯିବ।

# ବାମରା ନୂତନ ଏନ୍ଏସି ନିର୍ବାଚନ ପାଇଁ ପ୍ରକ୍ରିୟା

କୁଚିଣ୍ଡା, ୧୩।୨(ସମିସ): ସମ୍ବଲପୁର ଜିଲ୍ଲା ବାମରା ବ୍ଲକ ଅଧୀନ ଗୋବିନ୍ଦପୁର ପଞ୍ଚାୟତକୁ ରାଜ୍ୟ ସରକାର ବାମରା ଏନ୍ଏସି ଘୋଷଣା ପରେ ନୂତନ ଏନଏସି ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି। ଏଥିପାଇଁ ସମ୍ବଲପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ଗତ ୧୨ ତାରିଖ ଦିନ ୧୨ଟି ୱାର୍ଡ ବିଶିଷ୍ଟ ବାମରା ଏନଏସିର ରୂପରେଖ ପ୍ରଦାନ କରାଯାଇଛି। ଏଥିରେ ସମସ୍ତ ବର୍ଗ, ଶ୍ରେଣୀ, ଲିଙ୍ଗ ଆଦିକୁ ଦୃଷ୍ଟିରେ ରଖି ସଂରକ୍ଷିତ ବ୍ୟବସ୍ଥା କରାଯାଇଛି। ଯେଉଁଥିରେ ମହିଳାଙ୍କ ପାଇଁ ୧, ୩ ଓ୧୧ ନମ୍ବର ୱାର୍ଡ, ସାଧାରଣ ବର୍ଗଙ୍କ ପାଇଁ ୨, ୪, ୬ ଓ ୭ ନମ୍ବର ୱାର୍ଡ, ଆଦିବାସୀ ମହିଳାଙ୍କ ପାଇଁ ୧୦ ଓ ୧୨ ନମ୍ବର ୱାର୍ଡ, ଆଦିବାସୀଙ୍କ ପାଇଁ ୮ ଓ ୯ ନମ୍ବର ୱାର୍ଡ ଥିବାବେଳେ, ହରିଜନ ମହିଳାଙ୍କ ପାଇଁ କେବଳ ୫ ନମ୍ବର ୱାର୍ଡ ସଂରକ୍ଷିତ ଥିବା ବିଜ୍ଞପ୍ତିରେ ପ୍ରକାଶ ପାଇଛି। ସେଥିମଧ୍ୟରୁ ପ୍ରକାଶିତ ବିଜ୍ଞପ୍ତିରେ ଯଦି ୱାର୍ଡ ଗଠନ କିମ୍ବା ୱାର୍ଡ ଗୁଡିକରେ ରହିଥିବା ସଂରକ୍ଷଣ ବ୍ୟବସ୍ଥା ସମ୍ପର୍କିତ କୌଣସି ଆପତ୍ତି ଅଭିଯୋଗ ଥାଏ, ତେବେ ଆସନ୍ତା ୨୧ ଫେବୃଆରୀ ସୁଦ୍ଧା ବାମରା ବ୍ଲକ କିମ୍ବା ବାମରା ତହସିଲ କାର୍ଯ୍ୟାଳୟଠାରେ ଥିବା ଅଭିଯୋଗ ବାକ୍ସରେ ଅଭିଯୋଗ ଦାଖଲ କରିବାକୁ ସମ୍ବଲପୁର ଜିଲ୍ଲାପାଳ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି।

# ଦୁଗ୍ଧଚାଷୀ ପ୍ରଶିକ୍ଷଣ କେନ୍ଦ୍ରର ଭିତ୍ତିପ୍ରସ୍ତର

ବରଗଡ଼, ୧୩।୨(ସମିସ): ବରଗଡ଼ ଦୁଗ୍ଧ ଚାଷୀଙ୍କ ପାଇଁ ପ୍ରଶିକ୍ଷଣକେନ୍ଦ୍ର ନିର୍ମାଣର ଶୁଭ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଯାଇଛି। ବରଗଡ଼ ବିଧାୟକ ଅଶ୍ୱିନୀ ଷଡଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏଥିରେ ସମଲେଶ୍ୱରୀ ଆଞ୍ଚଳିକ ସମବାୟ ଦୁଗ୍ଧ ଉତ୍ପାଦନ ସଂଘ ସମ୍ବଲପୁରର ସାଧାରଣ ପରିଚାଳକ ଡ.ସରୋଜ ସାହୁ, ଜିଲ୍ଲା ପ୍ରାଣୀ ଚିକିତ୍ସା ଅଧିକାରୀ ନିଗମାନନ୍ଦ ପାଢ଼ୀ, ସମ୍ବଲପୁର ଡାଏରୀ ଫ୍ରଣ୍ଟ ମ୍ୟାନେଜର ପ୍ରସନ୍ନ ବିଷୋଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



# କେନାଲ ପାଣିରେ ଭାସି ଯାଇ ମହିଳା ମୃତ

ଅତାବିରା, ୧୩।୨(ସମିସ): ଅତାବିରା ଥାନା ଅଧୀନ ଚକୁଲିଫାର୍ମର କେନାଲରୁ ଭାସୁଥିବା ଅବସ୍ଥାରେ ଜଣେ ମହିଳାଙ୍କ ମୃତଦେହ ଶୁକ୍ରବାର ଜବତ ହୋଇଛି। ମୃତ ମହିଳାଙ୍କ ନାମ କୋଳପତି ବିରଭଦ୍ରା (୫୮) ବୋଲି ଜଣାପଡ଼ିଛି। ମହିଳା ଜଣକ ସ୍ଥାନୀୟ ବାସିନ୍ଦା ବୋଲି ଜଣାପଡ଼ିଛି। ପରିବାର ଲୋକଙ୍କ କହିବା ଅନୁଯାୟୀ



ତାଙ୍କ ଦେହରେ ମୂର୍ଚ୍ଛାରୋଗ ଥିଲା। ଆଜି ସକାଳୁ ଘର ସାମ୍ନାରେ ଝାଡୁ ମାରିବାକୁ ବାହାରିଥିଲେ। ପ୍ରତିଦିନ ଭଳି ଘର ସାମ୍ନାରେ ଯାଇଥିବା କେନାଲରୁ ଘର ସାମ୍ନାକୁ ପାଣି ଛିଞ୍ଚନ କରିବାକୁ ଓହ୍ଲାଇଥାନ୍ତି। ଆଜି ଓହ୍ଲାଇବା ବେଳେ ସେ ପାଣିରେ ଭାସି ଯାଇଥିବା ପରିବାର ଲୋକେ ଅନୁମାନ କରୁଛନ୍ତି। ଖବର ପାଇ ଅତାବିରା ପୁଲିସ ଘଟଣା ସ୍ଥଳକୁ ପହଞ୍ଚି କେନାଲ ପାଣିରୁ ମୃତଦେହକୁ ବାହାରକୁ ଆଣିବା ପରେ ଶବ ଚିହ୍ନଟ ହୋଇଥିଲା। ପରେ ମୃତଦେହକୁ ଜବତ କରି ଅତାବିରା ପୁଲିସ ଶବ ବ୍ୟବଚ୍ଛେଦ ପାଇଁ ବରଗଡ଼ ଜିଲ୍ଲା ମୁଖ୍ୟାଳୟ ହସ୍ପିଟାଲକୁ ପଠାଇ ଅଧିକ ତଦନ୍ତ ଜାରି ରଖିଛି। ଏ ନେଇ ଅତାବିରା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

# ପଦ୍ମପୁର ଅଞ୍ଚଳ କଲେଜରେ ଇଂରାଜୀ ବିଭାଗର ସେମିନାର

ପଦ୍ମପୁର, ୧୩।୨(ସମିସ): ବରଗଡ଼ ଜିଲ୍ଲାର ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନ ପଦ୍ମପୁର ଅଞ୍ଚଳ କଲେଜରେ ଶୁକ୍ରବାର ଠାରୁ ଇଂରାଜୀ ବିଭାଗ ପକ୍ଷରୁ ସପ୍ତାହବ୍ୟାପୀ ସେମିନାର ଶୃଙ୍ଖଳା ଓ ବିଭାଗୀୟ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏଥିରେ ଇଂରାଜୀ ବିଭାଗର ପୂର୍ବତନ ମୁଖ୍ୟ ପ୍ରଫେସର ବିଦ୍ୟାଧର ଦାଶ ମୁଖ୍ୟ ଅତିଥି ତଥା ବିଷୟ ବିଶ୍ଳେଷକ ଭାବେ ଯୋଗ ଦେଇଥିଲେ। କଲେଜର ୫ ଜଣ ଛାତ୍ରୀଙ୍କ ଦ୍ୱାରା ଉପସ୍ଥାପିତ ସନ୍ଦର୍ଭଗୁଡିକୁ ସେ ସମୀକ୍ଷା କରିଥିଲେ। କଲେଜର ଅଧ୍ୟକ୍ଷ ପ୍ରଫେସର ଖଗେଶ୍ୱର ଦାସ ସେମିନାରରେ ସଭାପତିତ୍ୱ କରିଥିଲେ। ଇଂରାଜୀ ବିଭାଗ ମୁଖ୍ୟ ପ୍ରଫେସର ଶ୍ରୀକାନ୍ତ ସାହୁ ଛାତ୍ରଛାତ୍ରୀଙ୍କୁ ସର୍ବସାଧାରଣରେ କହିବାର ଭୟ ଦୂର କରିବା ସହ ଗବେଷଣାତ୍ମକ ଚିନ୍ତାଧାରା ବୃଦ୍ଧି କରିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ମନିଷା ପ୍ରଧାନ (ଷଷ୍ଠ ଷାଣ୍ମାସିକ) ଯୋସେଫ ଆଡିସନଙ୍କ 'ଫ୍ରେଣ୍ଡସିପ୍' ଉପରେ ଏକ ଭିନ୍ନ ଦୃଷ୍ଟିକୋଣ ରଖି ପ୍ରବନ୍ଧ ପାଠ କରିଥିଲେ।

ରୂପେଲି ପ୍ରଧାନ (ଷଷ୍ଠ ଷାଣ୍ମାସିକ) ସେକ୍ସପିୟରଙ୍କ 'ମ୍ୟାକବେଥ' ନାଟକକୁ ଏକ ଟ୍ରାଜେଡି ବଦଳରେ ଏକ 'ଡିଟେକ୍ଟିଭ ପ୍ଲଟ୍' ବା ଅପରାଧ ତଦନ୍ତର କାହାଣୀ ଭାବେ ଉପସ୍ଥାପନ କରି ସମସ୍ତଙ୍କୁ ଚକିତ କରିଥିଲେ। କିରଣମୟୀ ପ୍ରଧାନ: ଭାରତୀୟ ଶାସ୍ତ୍ରୀୟ 'ରସ ତତ୍ତ୍ୱ' ଉପରେ ଆଲୋକପାତ କରିଥିଲେ। ଅଙ୍କିତା ପାଣ୍ଡେ: 'ଅଲ୍ ଫର ଲଭ୍'କୁ ଏକ ବୀରତ୍ୱପୂର୍ଣ୍ଣ ଟ୍ରାଜେଡି ଭାବେ ଆଲୋଚନା କରିଥିଲେ। ଅଞ୍ଜଳି ବାଗ: ଚେତନ ଭଗତଙ୍କ ଉପନ୍ୟାସ 'ଫାଇଭ୍ ପଏଣ୍ଟ ସମୱାନ'କୁ ଏକ କ୍ୟାମ୍ପସ ନଭେଲ ଭାବେ ଉପସ୍ଥାପନ କରିଥିଲେ। ଶେଷରେ ଡକ୍ଟର ପ୍ରଦୀପ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# ବିନା ଟୋକନରେ ଧାନ ବିକ୍ରି ଦାବି: ଚତୁର୍ଥ ଦିନରେ ଧାରଣା ସ୍ଥଗିତ

## ଦାବି ପୂରଣ ନହେଲେ ପୁଣି ଆନ୍ଦୋଳନର ଚେତାବନୀ

ଅମ୍ବାଭୋନା, ୧୩।୨(ସମିସ)

ଖରିଫ ଧାନ ବିକ୍ରିରେ ଟୋକନରୁ ବଞ୍ଚିତ ଚାଷୀ ଓ ଅବିକ୍ରି ଧାନ ସମସ୍ୟାକୁ ନେଇ ଅମ୍ବାଭୋନା ବ୍ଲକ କାର୍ଯ୍ୟାଳୟ ଠାରେ ୪ଦିନ ଧରି ଚାଲିଥିବା ଧାରଣା ଶେଷରେ ସ୍ଥଗିତ ହୋଇଛି। ପ୍ରଶାସନ ପକ୍ଷରୁ ଆଶ୍ୱାସନା ମିଳିବା ପରେ ଆନ୍ଦୋଳନକାରୀ ଚାଷୀ ଅସ୍ଥାୟୀ ଭାବେ ଧାରଣା ଉଠାଇଛନ୍ତି। ଟୋକନରୁ ବଞ୍ଚିତ ଚାଷୀଙ୍କ ଧାନ ବିକ୍ରି ସମସ୍ୟାର ସମାଧାନ ନହେଲେ ପୁଣି ଆନ୍ଦୋଳନକୁ ଓହ୍ଲାଇବେ ବୋଲି ବାରପାହାଡ କୃଷକ ସଂଗଠନ ଓ ସଂଯୁକ୍ତ କୃଷକ ସଂଗଠନ ପକ୍ଷରୁ ପ୍ରଶାସନକୁ ସଚେତନ କରାଯାଇଛି। ଚାଷୀଙ୍କ ଆନ୍ଦୋଳନ ସମ୍ପର୍କରେ ସୂଚନା ପାଇ ବରଗଡ଼ ଜିଲ୍ଲା ଯୋଗାଣ ଅଧିକାରୀ ଯୁଗଳ କିଶୋର ଦାଶ, ଅତିରିକ୍ତ ଯୋଗାଣ ଅଧିକାରୀ ବରଗଡ଼ ସଦର ବ୍ୟୋମକେଶ



ମାଝୀ, ଅମ୍ବାଭୋନା ତହସିଲଦାର ରଘୁନାଥ ପାଣିଗ୍ରାହୀ, ବ୍ଲକ ଯୋଗାଣ ନିରୀକ୍ଷକ ପ୍ରଭାତ ପ୍ରଦୀପ୍ତ ଓ ବ୍ଲକ ଅଧ୍ୟକ୍ଷ କିର୍ତ୍ତିଚନ୍ଦ୍ର ଦୁଆନଙ୍କ ସହ ଭୁକ୍ତା ଓ କଣ୍ଡପଲା ସମବାୟ ସମିତିର କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ଦୀର୍ଘ ସମୟ ଧରି ଚାଷୀଙ୍କ ସହ ଆଲୋଚନା କରିଥିଲେ। ପ୍ରଶାସନ ଓ ଚାଷୀଙ୍କ ମଧ୍ୟରେ ଦୀର୍ଘ ସମୟ ତର୍କବିତର୍କ ପରେ ବ୍ଲକ କାର୍ଯ୍ୟାଳୟରେ ରଖାଯାଇଥିବା ଅବିକ୍ରି ଧାନ ଉଠାଇ ବିକ୍ରି ବ୍ୟବସ୍ଥା କରାଯିବ ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରତିଶ୍ରୁତି ମିଳିଥିଲା। ଏହାପରେ ଚାଷୀ ଧାରଣାରୁ ଓହରିଥିଲେ। ପ୍ରଶାସନ ସୂଚନା ଅନୁସାରେ ବ୍ଲକରେ ରଖାଯାଇଥିବା ଅବିକ୍ରି ଧାନ ସହ ଟୋକନରୁ ବାଦ ପଡ଼ିଥିବା ଚାଷୀଙ୍କ ଧାନ ଭୁକ୍ତା ମାର୍କେଟ ୟାର୍ଡରେ ଓଜନ କରି ବିକ୍ରି କରାଯିବ। ଆନ୍ଦୋଳନରତ ଚାଷୀଙ୍କ ମୋଟ ୭୬୬ ପାକେଟ ଧାନ ଉଠାଯିବ ବୋଲି ଯୋଗାଣ ବିଭାଗ କହିଛି। ତଥାପି ବିନା ଟୋକନରେ ଧାନ କିପରି ବିକ୍ରି ହେବ, ସେ ନେଇ ବଞ୍ଚିତ ଚାଷୀଙ୍କ ମନରେ ସନ୍ଦେହ ରହିଛି। ଖରିଫ ଧାନ ବିକ୍ରିରେ ଟୋକନ ନପାଇ ଅନେକ ଚାଷୀ ଶତାଧିକ ପକେଟ ଧାନ ବିକ୍ରିରୁ ବଞ୍ଚିତ ହୋଇଥିବା ଅଭିଯୋଗ କରିଛନ୍ତି। ଏହି ଆନ୍ଦୋଳନରେ ସଂଯୁକ୍ତ କୃଷକ ସଂଗଠନର ଉପଦେଷ୍ଟା ରମେଶ ମହାପାତ୍ର, ବାରପାହାଡ କୃଷକ ସଂଗଠନର ସଭାପତି ଇସାନ ଚନ୍ଦ୍ର ଭୋଇ, ରାଜେନ୍ଦ୍ର ଦେହେରୀ ଓ ପ୍ରକାଶ ଚନ୍ଦ୍ର ବେହେରାଙ୍କ ନେତୃତ୍ୱରେ ଶତାଧିକ ଚାଷୀ ସାମିଲ ହୋଇଥିଲେ। ଦାବି ପୂରଣ ନହେଲେ ପୁଣି ଆନ୍ଦୋଳନ ତୀବ୍ର କରାଯିବ ବୋଲି ଚାଷୀ ସ୍ପଷ୍ଟ କରିଛନ୍ତି।

# ମାଟ୍ରିକ ପରୀକ୍ଷା ଦେବାକୁ ଘରକୁ ଫେରିଲେ ଛାତ୍ର

● ପରିବାରର ଆର୍ଥିକ ଅନଟନ ହେତୁ ଦାଦନ ହୋଇଥିଲେ

ପାଇକମାଳ, ୧୩।୨(ସମିସ): ପାଇକମାଳ ବ୍ଲକ ମାଣ୍ଡିଆଡ଼ିପା ପଞ୍ଚାୟତ କେନାବୁଦା ଗାଁର ସାମାଜିକ କର୍ମୀ ବେଦବର ସାହୁଙ୍କ ସମୟୋପଯୋଗୀ ପଦକ୍ଷେପ ଯୋଗୁଁ ତେଲେଙ୍ଗାନା ଇଟାଭାଟିକୁ ଦାଦନ ଖଟି ଯାଇଥିବା ଜଣେ ମାଟ୍ରିକ ଶ୍ରେଣୀର ଛାତ୍ର ଘରକୁ ଫେରିଛନ୍ତି। ଶ୍ରୀ ସାହୁ ଛାତ୍ରଙ୍କୁ ଇଟାଭାଟିରୁ ମୁକ୍ତ କରାଇ ନିଜ ଘରକୁ ଫେରିବା ବ୍ୟବସ୍ଥା କରିଥିଲେ। ସନ୍ତୋଷ ଭୂଏଙ୍କ ପରିବାର ପାଇକମାଳ ବ୍ଲକ ମାଣ୍ଡିଆଡ଼ିପା ପଞ୍ଚାୟତର କେନାବୁଦା ଗାଁରେ ରୁହନ୍ତି। ପରିବାରରେ ସନ୍ତୋଷ ଭୂଏ, ସ୍ତ୍ରୀ, ଗୋଟିଏ ଝିଅ ଓ ଦୁଇ ପୁଅ। ୨୦୨୫ ଡିସେମ୍ବର ୧୫ରେ ସନ୍ତୋଷଙ୍କ ମୃତ୍ୟୁ ଘଟିଥିଲା। ପରିବାର ଲୋକେ ମୂଳ ଲାଗି ଶୁଦ୍ଧିକ୍ରିୟା କରିଥିଲେ। ପରେ ପରିବାର ଚଳାଇବା ପାଇଁ ଆର୍ଥିକ ଅନଟନ ଦେଇ ଗତି କରିଥିଲେ। ରବି ଭୂଏ ମାଣ୍ଡିଆଡ଼ିପା ପଞ୍ଚାୟତ ହାଇସ୍କୁଲରେ ଦଶମ ଶ୍ରେଣୀର ଛାତ୍ର ଥିଲେ। ପରିବାରରେ ବଡ ପୁଅ ହୋଇଥିବାରୁ ପରିବାରର ଦାୟିତ୍ୱ ପାଇଁ ଦାଦନ ଖଟିବାକୁ ତେଲେଙ୍ଗାନା ରାଜ୍ୟର ନିଜାମାବାଦ ଜିଲ୍ଲାର ମୁଡକପଲ୍ଲୀକୁ (ନରସିମ୍ପଲ୍ଲୀ) ଯାଇଥିଲେ। ସେଠାରେ ଏକ ଇଟାଭାଟିରେ କାମ କରିଥିଲେ। ଫେବୃଆରୀ ୧୯ ରେ ମାଟ୍ରିକ ପରୀକ୍ଷା ଆରମ୍ଭ ହେବାରୁ ଶ୍ରୀ ସାହୁ ଛାତ୍ରଙ୍କ ଘରକୁ ଯାଇ ପରିବାରରୁ ସମସ୍ତ ତଥ୍ୟ ସଂଗ୍ରହ କରିଥିଲେ। ଫୋନ୍ ଯୋଗେ ଇଟାଭାଟି ମାଲିକଙ୍କୁ ଯୋଗାଯୋଗ କରି ପରୀକ୍ଷା ପାଇଁ ଛାତ୍ରଙ୍କୁ ଛାଡି ଦେବାକୁ ଅନୁରୋଧ କରିଥିଲେ। କିନ୍ତୁ ମାଲିକ ପ୍ରଥମେ ଅସ୍ୱୀକାର କରିଥିଲେ। ଏହାପରେ ଫେବୃଆରୀ ୧୧ରେ ଶ୍ରୀ ସାହୁ ଏକ୍ସ ମାଧ୍ୟମରେ ଓଡ଼ିଶା ଓ ତେଲେଙ୍ଗାନା ସରକାର, ଶ୍ରମ ବିଭାଗ ଓ ପୁଲିସ ବିଭାଗକୁ ଟ୍ୟାଗ କରି ଛାତ୍ରଙ୍କୁ ସୁରକ୍ଷିତ



ଫେରାଇ ଆଣିବା ପାଇଁ ଅନୁରୋଧ କରିଥିଲେ। ଏହାର ପ୍ରଭାବରେ ଫେବୃଆରୀ ୧୨ରେ ଇଟାଭାଟିର ମାଲିକ ରବିଙ୍କୁ ଛାଡି ଦେଇଥିଲା। ସେ ରବିଙ୍କୁ ୧ ହଜାର ଟଙ୍କା ଦେଇ ନିଜାମାବାଦରୁ ସିକନ୍ଦରାବାଦ ଓ ସିକନ୍ଦାରବାଦରୁ ବିଶାଖାପାଟଣା ଦେଇ ନୂଆପଡ଼ା ପର୍ଯ୍ୟନ୍ତ ଟିକେଟ ବ୍ୟବସ୍ଥା କରିଦେଇଥିଲେ। ରବି ଶୁକ୍ରବାର ନୂଆପଡ଼ା ରେଲୱେ ଷ୍ଟେସନରୁ ଓହ୍ଲାଇ ଘରେ ସୁରକ୍ଷିତ ଭାବେ ପହଞ୍ଚିଥିବା ଜଣାଯାଇଛି।

ବଞ୍ଚିଛି ମଣିଷ ପଣିଆ

# ଗାଁର ହିତଦୃଷ୍ଟିରୁ ଭୋଏ ପରିବାରର ଜମିଦାନ

**ବରପାଲି, ୧୩।୨(ସମିସ):** ବରପାଲି ବ୍ଲକ କୁମ୍ଭାରୀ ପଞ୍ଚାୟତ ସମଲେଇପଦର୍ ଗାଁରେ ଆଜିବି ମଣିଷ ପଣିଆ ଜୀବିତ ଥିବା ଆଶା ସଞ୍ଚାର କରିଛି। ଅଞ୍ଚଳର ଭୋଏ ପରିବାର ଏପରି ନିସ୍ୱାର୍ଥପର ନିଦର୍ଶନ ପ୍ରତିଷ୍ଠା କରିଛି। ଏହି ଅଞ୍ଚଳରେ ଧାନ ସଂଗ୍ରହ କରିବା ପାଇଁ ଗୋଟିଏ ମାର୍କେଟ ୟାର୍ଡର ଆବଶ୍ୟକତା ବହୁ ଦିନରୁ ରହିଥିଲା। ଏନେଇ ଅନେକ ସମୟରେ ଦାବି ଉଠୁଥିଲା। ସରକାରୀ ଜମିର ଅଭାବ ମାର୍କେଟ ୟାର୍ଡ ସ୍ଥାପନରେ ଘୋର ବାଧକ ସାଜୁଥିଲା। ସମସ୍ୟାର ନିରାକରଣ ଓ ଗ୍ରାମବାସୀଙ୍କ



ହିତ ପାଇଁ ହିରାଧର ପଧାନଙ୍କ ନେତୃତ୍ୱରେ ବଳିଷ୍ଟ ଭୋଏ, ମେଘ ଭୋଏ, ଥାବ ଭୋଏ, ନବ ଭୋଏ, ସୁରୁବୁଇ ଭୋଏ ସ୍ୱଇଚ୍ଛାରେ ଆନୁମାନିକ ୧ କୋଟି ଟଙ୍କା ମୂଲ୍ୟର ୬୭ ଡିସିମିଲ ଜମି ଦାନ କରିଛନ୍ତି। ବରଗଡ଼ ଆର୍‌ଏମ୍‌ସି ସମ୍ପାଦକ ଗୋବିନ୍ଦ ନାଗ ଓ ତହସିଲଦାର ରୁକ୍ମଣ ମେହେରଙ୍କ ଉପସ୍ଥିତିରେ ଜମି ରେଜିଷ୍ଟ୍ରି ପର୍ବ ସମ୍ପନ୍ନ ହୋଇଥିଲା। ରେଜିଷ୍ଟ୍ରି କାର୍ଯ୍ୟକ୍ରମ ସମୟରେ ଗାଁର ଭଗବାନ ପଧାନ, କେଶବ କଠାର, କୃଷ୍ଣ ଚନ୍ଦ୍ର ମହାକୁଡ, ଶେଷ ଦୀପ, ବିପିନ ବେହେରା, ଗଡ଼ି ମହାକୁଡ ଓ ଆର୍‌ଏମସିର ସମ୍ପାଦକ ଗୋବିନ୍ଦ ନାଗ, ବିଜୟ ରାଉତ, ଗିରିଧାରୀ ମହାକୁଡ, ପ୍ରଶାନ୍ତ ଦାସ, ଦୀପକ ରାଉତ, ଧିରୋଜ୍ ପଧାନ, ଲୁବୁରୁ ପଧାନ ପ୍ରମୁଖ ଉପସ୍ଥିତ ଥିଲେ। ଓକିଲ ପ୍ରତାପ ସିଂ ଓ ଶରତ ଦାସ ରେଜିଷ୍ଟ୍ରି କାର୍ଯ୍ୟକ୍ରମ ସମ୍ପାଦନ କରିଥିଲେ। ସମାଜର ମଙ୍ଗଳ ପାଇଁ କୋଟି କୋଟି ଟଙ୍କାର ଜମି ଏକ ପରିବାର ଦାନ କରିଥିବାରୁ ଅଞ୍ଚଳରେ ଏହା ଏକ ଆଲୋଚ୍ୟ ବିଷୟ ହୋଇଛି।

# ମାନସିକ ଅନଗ୍ରସର ଯୁବତୀଙ୍କୁ ଦୁଷ୍କର୍ମ

ଭେଡେନ, ୧୩।୨(ସମିସ)

ସମାଜରେ ପରିବାରର ସମ୍ପର୍କର ଡୋରି ଅତି ପବିତ୍ର ହୋଇଥାଏ। ହେଲେ କିଛି ଯୌନପିପାସୁଙ୍କ ପାଇଁ ପବିତ୍ର ସମ୍ପର୍କର ଡୋରି ଖିନ୍‌ଭିନ୍ ହୋଇଯାଏ। ସେମାନଙ୍କ ଯୌନ ଲାଳସା ସମ୍ପର୍କର ମହନୀୟତାକୁ ତୁଚ୍ଛ କରି ରାକ୍ଷସ ପାଲଟିଥାଏ। ଏହାର ଜ୍ୱଳନ୍ତ ଉଦାହରଣ ଭେଡେନ ଥାନା ରେମଣ୍ଡା ପଞ୍ଚାୟତ ଡୁଙ୍ଗୁରିପାଲି ଗାଁରେ ଦେଖିବାକୁ ମିଳିଛି। ସମ୍ବଲପୁର ଅଞ୍ଚଳରୁ ଆସି ମାମୁଁ ଘରେ ରହୁଥିବା ମାନସିକ ଅନଗ୍ରସର ଯୁବତୀ ସହ ଦୁଷ୍କର୍ମ କରି ତାକୁ ଗର୍ଭବତୀ କରିଥିବା ଅଭିଯୋଗରେ ୩ ଜଣଙ୍କୁ ସମ୍ପର୍କୀୟଙ୍କୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ୩ ଜଣ ହେଲେ ଡୁଙ୍ଗୁରିପାଲି ଗାଁର ବିକ୍ରମ ସରାଫ (୪୮), ବିକ୍ରମର ପୁଅ ପପୁନ (୨୮) ଓ ବିକ୍ରମର ଜ୍ୱାଇଁ ଅମ୍ବାବନା ଲଖନପୁରର ପ୍ରତାପ ସରାଫ (୪୪)। ଅଭିଯୁକ୍ତ ୩ ଜଣ ମଧ୍ୟରୁ ବିକ୍ରମ ପୀଡ଼ିତା ଯୁବତୀଙ୍କ ମାମୁଁ ହୋଇଥିବା ବେଳେ ପପୁନ ମାମୁଁ ପୁଅ ଭାଇ ଏବଂ ପ୍ରତାପ ମାମୁଁଙ୍କ ଜୋଇଁ। ପୀଡ଼ିତା ଯୁବତୀ ଜଣକ ଆଜକୁ ୧୨ ବର୍ଷ ହେବ ନିଜ





ମାମୁଁ ଘର ଡୁଙ୍ଗୁରିପାଲିରେ ରହି ଆସୁଥିଲେ। ହେଲେ ଗତ ଡିସେମ୍ବର ୧୦ ତାରିଖ ଅଭିଯୁକ୍ତ ମାମୁଁ ବିକ୍ରମ ପୀଡ଼ିତାଙ୍କ ପରିବାର ଲୋକଙ୍କୁ ଫୋନ କରି ଝିଅର ଅବସ୍ଥା ଠିକ ରହୁ ନଥିବାରୁ ଘରକୁ ନେଇଯିବାକୁ କହିଥିଲା। ପରିବାର ଲୋକେ ଝିଅକୁ ନିଜ ଘରକୁ ନେଇ ଯାଇଥିଲେ। ହେଲେ ସେଠାରେ ଝିଅର ଦେହ ଭଲ ନ ରହିବାରୁ ନିକଟସ୍ଥ ଡାକ୍ତରଖାନାକୁ ନେଇ ଚିକିତ୍ସା କରିଥିଲେ। ଚିକିତ୍ସା ବେଳେ ପୀଡ଼ିତା ୪/୫ ମାସର ଗର୍ଭବତୀ ଥିବା ଜଣାପଡ଼ିଥିଲା। ଏହାପରେ ପରିବାର ଲୋକ ଝିଅଠୁ ସବୁ ଜାଣିବା ପରେ ତାଙ୍କୁ ଧରି ଅଭିଯୁକ୍ତ ମାମୁଁ ବିକ୍ରମଙ୍କ ଘରକୁ ନେଇ ସମସ୍ତଙ୍କ ସମ୍ମୁଖରେ ପଚାରିଥିଲେ। ସେଠାରେ ପୀଡ଼ିତା ମାମୁଁ, ମାମୁଁ ପୁଅ ଭାଇ, ମାମୁଁର ଜୋଇଁ ବିଭିନ୍ନ ସମୟରେ ତାଙ୍କ ସହ ବାରମ୍ବାର ଦୁଷ୍କର୍ମ କରିଥିବା ସହ ମାରପିଟ କରିବା କଥା ପ୍ରକାଶ କରିଥିଲେ। ଏହାସହ ଘଟଣା ବିଷୟରେ କାହାକୁ କହିଲେ ଜୀବନରୁ ମାରିଦେବାକୁ ଧମକ ଦେବା ଏବଂ ମାନସିକ ନିର୍ଯାତନା ଦେଉଥିବା ପ୍ରକାଶ କରିଥିଲେ। ଏହାପରେ ପୀଡ଼ିତାଙ୍କୁ ଧରି ପରିବାର ଲୋକ ଏନେଇ ଭେଡେନ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ଭେଡେନ ପୁଲିସ ତଦନ୍ତ କରି ଅଭିଯୁକ୍ତ ମାନଙ୍କ ଡାକ୍ତରୀମାଇନା କରିବା ସହ ଏକ ମାମଲା ରୁଜୁ କରି ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି। ଏହି ଘଟଣା ମାମୁଁ-ଭାଣିଜୀ, ଭାଇ-ଭଉଣୀର ପବିତ୍ର ସମ୍ପର୍କରେ କାଳିମା ବୋଳିଥିବା ଆଲୋଚନା ହେଉଛି।

**ପୀଡ଼ିତା ୪ମାସର ଗର୍ଭବତୀ**

**ମାମୁଁ, ଭାଇ ଓ ଭିଣୋଇକୁ କୋର୍ଟ ଚାଲାଣ**

# ବ୍ରିଜ୍ ପାଖେ ଅର୍ଦ୍ଧ ନିର୍ମିତ ରାସ୍ତା କାମ: ଯାତ୍ରୀ ହନ୍ତସନ୍ତ

**ଝାରବନ୍ଧ, ୧୩।୨(ସମିସ):** ଝାରବନ୍ଧରୁ ବସନାକୁ ସଂଯୋଗ କରୁଥିବା ମୁଖ୍ୟରାସ୍ତାର ନିର୍ମାଣ କାମ ଅଧା ରହିଥିବାରୁ ସାଧାରଣ ଲୋକ ଯମ ଯନ୍ତ୍ରଣା ଭୋଗୁଛନ୍ତି। ଡୁଙ୍ଗୁରିପାଲି ମହାଲିଙ୍ଗପଡ଼ା ବ୍ରିଜ ପାଖରେ ପ୍ରାୟ ୫୦ ମିଟରରୁ ଅଧିକ ରାସ୍ତା ଅର୍ଦ୍ଧନିର୍ମିତ ଅବସ୍ଥାରେ ଛାଡି ଦିଆଯାଇଛି। ସେଠାରେ କେବଳ ଗେଟି ପକାଯାଇଥିବା ବେଳେ ପିଚୁ କାମ ହୋଇ ନଥିବାରୁ ଯାତାୟାତ ସମୟରେ ବିପଦ ସୃଷ୍ଟି ହେଉଛି। ରାସ୍ତାର ଏହି ଅବସ୍ଥା ସମ୍ପର୍କରେ ସତର୍କତା ସୂଚନା ବା ଚିହ୍ନ ନଥିବାରୁ ଅନେକ ଯାନ ଚାଳକ ଅବଗତ ହୋଇ ପାରୁନାହାନ୍ତି। ଫଳରେ ଛୋଟମୋଟ ଦୁର୍ଘଟଣା ଘଟୁଥିବା ଅଭିଯୋଗ ହେଉଛି। ଯାନବାହାନ ଚଳାଚଳ ସମୟରେ ଧୂଳି ଉଡି ପରିବେଶ ଦୂଷିତ ହେଉଥିବା ସହ ଯାତ୍ରୀମାନେ ଶ୍ୱାସ କଷ୍ଟ ଓ ଅସୁବିଧାରେ ପଡୁଛନ୍ତି। ଏହି ସଡକ ଦେଇ ପ୍ରତିଦିନ ହଜାର ହଜାର ଲୋକ ଯାତାୟାତ କରୁଥିବାବେଳେ ବସନା ଓ ସାରାଇପାଲି ଅଞ୍ଚଳ ସହ ବ୍ୟବସାୟିକ ସମ୍ପର୍କ ରଖୁଥିବା ବ୍ୟବସାୟୀମାନେ ମଧ୍ୟ ପ୍ରଭାବିତ ହେଉଛନ୍ତି। ଝାରବନ୍ଧ ବ୍ଲକ ମୁଖ୍ୟାଳୟକୁ ଯିବା ପାଇଁ ଛାତ୍ରଛାତ୍ରୀ, କର୍ମଚାରୀ ଓ ସାଧାରଣ ଜନତା ଏହିରାସ୍ତା ଉପରେ ନିର୍ଭର କରୁଥିବାରୁ ସମସ୍ୟା ଆହୁରି ଗମ୍ଭୀର ହୋଇପଡ଼ିଛି। ସେହିପରି ସମ୍ପୃକ୍ତ ବିଭାଗ ତତ୍କାଳ ହସ୍ତକ୍ଷେପ କରି ଅଧା କାମକୁ ସମାପ୍ତ କରିବା ସହ ଯଥାପ୍ରାପ୍ତ ସୁରକ୍ଷା ବ୍ୟବସ୍ଥା ନେବାକୁ ସ୍ଥାନୀୟ ଲୋକମାନେ ଦାବି ଜଣାଇଛନ୍ତି।



# ବେଆଇନ କରତ କଳ ଓ ସାମଗ୍ରୀ ଜବତ



**ବିଜେପୁର, ୧୩।୨(ସମିସ):** ବରଗଡ଼ ଜିଲ୍ଲା ଘେଁସ ରେଞ୍ଜ ପକ୍ଷରୁ ବିଜେପୁର ଥାନା ଅଧୀନ ବି.ଚାରପାଲି ଗାଁ ନିକଟରେ ବେଆଇନ ଭାବେ ଚାଲୁଥିବା ଏକ କରତ କଳ ଉପରେ ଚଢ଼ଉ କରି କରତ କଳ ଓ ବ୍ୟବହୃତ ସାମଗ୍ରୀ ଜବତ ହୋଇଛି। କର୍ଲେ ନିକଟସ୍ଥ ଉକ୍ତ ଚାରପାଲି ଗାଁର ଅନତି ଦୂରରେ ଏକ ନିଛାଟିଆ ବିଲରେ କରତ କଳ ଚାଲୁଥିଲା। ଜଙ୍ଗଲ ବିଭାଗ କୌଣସି ସୂତ୍ରରୁ ଖବର ପାଇ ଏକ କରତ କଳ, ୨ଟି ଟ୍ରାକ୍ଟର, ଗୋଟିଏ ଟଲି ଏବଂ କାଟିବା ପାଇଁ ଆଣିଥିବା କିଛି ଗଛ ଜବତ କରିଛନ୍ତି। ଘେଁସ ରେଞ୍ଜର ବିଜୟ ଲକ୍ଷ୍ମୀ ପଟେଲଙ୍କ ତତ୍ତ୍ୱାବଧାନରେ ଫରେଷ୍ଟର ଚିନ୍ମୟ ପ୍ରଧାନ, ଫରେଷ୍ଟ ଗାର୍ଡ ନରେଶ ପଟେଲ, ଲୋକେଶ୍ୱର ବୁଡେକ, ଅନିଲ ସାହୁ ପ୍ରମୁଖ ସାମିଲ ହୋଇଥିଲେ। ଏ ନେଇ ଘେଁସରେଞ୍ଜ ପକ୍ଷରୁ ଏକ ମାମଲା ରୁଜୁ କରାଯାଇଛି।

# ଜିଲ୍ଲା ଅବକାରୀ ବିଭାଗ ପକ୍ଷରୁ ଜୋରଦାର ଚଢ଼ଉ

**ବରଗଡ଼, ୧୩।୨(ସମିସ):** ବରଗଡ଼ ଜିଲ୍ଲା ଅବକାରୀ ବିଭାଗ ଦ୍ୱାରା ଜାନୁଆରୀରେ ଜିଲ୍ଲାର ବିଭିନ୍ନ ସ୍ଥାନରେ ଜୋରଦାର ଚଢ଼ଉ କରାଯାଇଥିଲା। ୨୦୦୮ ଟି ମାମଲା ରୁଜୁ ହୋଇଥିଲା। ୧୬୭ ଜଣ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଚୋରାରେ ତିଆରି ବେଆଇନ ଦେଶୀ ମଦ ୧, ୩୦, ୬୦୦ ଲିଟର, ବେଆଇନ ଦେଶୀଭାଟିର ମଦ ୧, ୨୧୦ ଲିଟର, ବେଆଇନ ବିଦେଶୀ ମଦ ୩୧ ଲିଟର, ବେଆଇନ ଚୋରାରେ ବିୟର ବିକ୍ରୟ ୨୧ ଲିଟର, ବେଆଇନ ମଦରନ୍ଧା ପୋଚ ୨, ୩୬, ୧୦୦ ଲିଟର, ଗଞ୍ଜେଇ ୨୧ କେଜି, ୪ଟି ବାଇକ୍ ଜବତ କରିଛି। ଏହି ଚଢ଼ଉରେ ବରଗଡ଼ ଅବକାରୀ ଅଧୀକ୍ଷକ ସୁବନ ନାଏକଙ୍କ ନେତୃତ୍ୱରେ ଅବକାରୀ ନିରୀକ୍ଷକ ବିକାଶ ଟପ୍ପୋ, ଡମ୍ବରୁଧର ହରିଜନ, ଗୋକୁଳ ଧର, ସୁଧାଂଶୁ ମୁଣ୍ଡା ସମେତ ବିଭାଗୀୟ ଅଧିକାରୀ ତଥା କର୍ମଚାରୀ ମାନେ ସାମିଲ ଥିଲେ।



# ୧୫ ଦିନିଆ ପ୍ରବୋଧନ ତାଲିମ ଶିବିର ଉଦ୍‌ଯାପିତ

**ଅମ୍ବାଭୋନା, ୧୩।୨(ସମିସ):** ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ, ଅମ୍ବାଭୋନାର ସଭାଗୃହରେ ଦୀର୍ଘ ୧୫ ଦିନ ବ୍ୟାପୀ ଚାଲିଥିବା ପ୍ରବୋଧନ ତାଲିମ ଶିବିର ଶୁକ୍ରବାର ଉଦ୍‌ଯାପିତ ହୋଇଛି। ଓଡ଼ିଶା ପାଠ୍ୟକ୍ରମ ରୂପରେଖ ୨୦୨୫ ଓ ନୂତନ ପାଠ୍ୟପୁସ୍ତକ ଆଧାରିତ ଏହି ପ୍ରଶିକ୍ଷଣ ଶିବିରରେ ମୋଟ ୨୯୪ ଜଣ ଶିକ୍ଷକଶିକ୍ଷୟିତ୍ରୀ ଅଂଶଗ୍ରହଣ କରି ତାଲିମ ଗ୍ରହଣ କରିଥିଲେ। ଶିବିରରେ ସାଧନ ଶିକ୍ଷକ ଭାବେ ରୋହିତ ଭୁଏ, ଜନକରାମ ବାରିକ ଓ ସନ୍ତୋଷ ମାଝି ଗୁରୁତ୍ୱପୂର୍ଣ୍ଣ ତାଲିମ ପ୍ରଦାନ କରିଥିଲେ। ଏହାସହ ଅବସରପ୍ରାପ୍ତ କ୍ରୀଡା ଶିକ୍ଷକ ସୁଦିପ୍ତ ନାୟକ, ହିନ୍ଦି ଶିକ୍ଷକ ରାଧେଶ୍ୟାମ ବାରିକ, ସଂସ୍କୃତ ଶିକ୍ଷକ ବୃନ୍ଦାବନ ଠେଠୁଆର, ବୃତ୍ତି ଶିକ୍ଷକ ବିବେକ ନାୟକ, ସଙ୍ଗୀତ କଳାକାର ରବି ବେହେରା ଓ ବାଦ୍ୟ କଳାକାର ଥଣ୍ଡାରାମ ପଧାନ ମଧ୍ୟ ନିଜ ଅନୁଭବ ଓ ଜ୍ଞାନ ସହ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଗୋଷ୍ଠୀ ଶିକ୍ଷା ଅଧିକାରିଣୀ ମିଶ୍ରାଣି କୁମ୍ଭାରଙ୍କ ପରାମର୍ଶ ଏବଂ ସହ ଶିକ୍ଷା ଅଧିକାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ତିନି ପର୍ଯ୍ୟାୟରେ ଅନୁଷ୍ଠିତ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଜାତୀୟ ଶିକ୍ଷାନୀତି, ଦକ୍ଷତା ଭିତ୍ତିକ ଶିକ୍ଷାଦାନ, ଆଧୁନିକ ଆକଳନ ପ୍ରଣାଳୀ, ପଞ୍ଚପଦୀ ଶିକ୍ଷଣ ପ୍ରକ୍ରିୟା, କଳା ଶିକ୍ଷା ଏବଂ ବିଷୟଗତ ଜ୍ଞାନ ସମ୍ପର୍କରେ ବିସ୍ତୃତ ତଥ୍ୟ ଓ ବ୍ୟବହାରିକ ତାଲିମ ଦିଆଯାଇଥିଲା। ଶିବିରର ଅନ୍ତିମ ପର୍ଯ୍ୟାୟରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ସକାଳ ପ୍ରତିନିଧି ରଞ୍ଜିତ ଦାଶ, ସାମ୍ବାଦିକ ହେମନ୍ତ ପଧାନ, ଉମେଶ ସେଠ, ଚନ୍ଦ୍ରମଣି ବେହେରା, ଅଜୟ ସାହୁ ଓ ପ୍ରକାଶ ରଥ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହାସହ ସମସ୍ତ ସମ୍ବଳ ଶିକ୍ଷକମାନଙ୍କୁ ମାନପତ୍ର ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା। ଶେଷରେ ସମସ୍ତ ଅଂଶଗ୍ରହଣକାରୀ ଶିକ୍ଷକଶିକ୍ଷୟିତ୍ରୀଙ୍କୁ ପ୍ରଶଂସା ପତ୍ର ବଣ୍ଟନ କରାଯାଇଥିଲା। ଲାଲମୋହନ ସିଂହଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାପନୀ ସଭାରେ ରୋହିତ ଭୁଏ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ କେଦାର ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।

**୨୯୪ ଜଣ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ପ୍ରଶିକ୍ଷଣ**

# ପଦ୍ମପୁର କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ: ହୀରାକୁଦ ଏବଂ କୁଚିଣ୍ଡା ବିଜୟୀ

**ପଦ୍ମପୁର, ୧୩।୨(ସମିସ):** ସ୍ଥାନୀୟ ରାଜବୋଡାସମ୍ବର ଉଚ୍ଚ ବିଦ୍ୟାଳୟ ପଡ଼ିଆରେ ପଦ୍ମପୁର ସ୍ପୋର୍ଟ୍ସ ଆସୋସିଏସନ ଦ୍ୱାରା ଆୟୋଜିତ ପଦ୍ମପୁର କପ ଫୁଟବଲ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ଦିନର ପ୍ରଥମ ମ୍ୟାଚ୍ ହୀରାକୁଦ ଦଳ ରାଉରକେଲା ଦଳକୁ ୩-୧ ଗୋଲରେ ପରାସ୍ତ କରିଛି। ଦ୍ୱିତୀୟ ମ୍ୟାଚ୍‌ରେ କୁଚିଣ୍ଡା ଦଳ ଓ ଝାରସୁଗୁଡ଼ା ଦଳକୁ ୪-୨ ଗୋଲରେ ପରାସ୍ତ କରିଥିଲା। ଅତିଥି ଭାବେ ବିଶିଷ୍ଟ ବ୍ୟବସାୟୀ ପବନ ଅଗ୍ରୱାଲ ଯୋଗଦାନ କରି ରାଉରକେଲା ଦଳ ଜିତେନ ଏକ୍କାଙ୍କୁ ମ୍ୟାନ ଅଫ ଦି ମ୍ୟାଚ୍ ଓ ଦ୍ୱିତୀୟ ମ୍ୟାଚ୍‌ରେ ବ୍ୟବସାୟୀ ପ୍ରଶାନ୍ତ ପଟ୍ଟନାୟକ କୁଚିଣ୍ଡା ଦଳର ଗୋଲରକ୍ଷକ ଓମ ଖାଡିଆଙ୍କୁ ମ୍ୟାନ ଅଫ ଦି ମ୍ୟାଚ୍ ଭାବେ ପୁରସ୍କୃତ କରିଥିଲେ। ଆଜିର ଖେଳକୁ ଦେବାଶିଷ ବାଗ, ଅଶ୍ୱିନୀ ବେହେରା, ଗୋବର୍ଦ୍ଧନ ବାଗ, କ୍ଷୀରସିନ୍ଧୁ ବେହେରା, ନୀଳ ନାୟକ, ସୁଧାଂଶୁ ସେଠ, ଦୀପକ ରାଜହଂସ, ଚନ୍ଦ୍ରମଣି ସାହୁ ଓ ବିଦେଶୀ ସାହୁ ପରିଚାଳନା କରିଥିଲେ। ଅଧ୍ୟାପକ କେଶରଞ୍ଜନ ପ୍ରଧାନ, ଡ.ପ୍ରଭାତ ନାରାୟଣ ତ୍ରିପାଠୀ, ନରେନ୍ଦ୍ର ସାହୁ ଶିଶିର ସାହୁ, ପ୍ରଦୀପ ପାତ୍ର, ନରୋତ୍ତମ ପଧାନ ଯୋଗ ଦେଇଥିଲେ। ଆସନ୍ତା କାଲି ପ୍ରଥମ ସେମିଫାଇନାଲ ପଦ୍ମପୁର ଓ ଫୁଲବାଣୀ ଏବଂ ଦ୍ୱିତୀୟ ସେମିଫାଇନାଲ ହୀରାକୁଦ ଏବଂ କୁଚିଣ୍ଡା ଦଳ ମଧ୍ୟରେ ଅନୁଷ୍ଠିତ ହେବ।




# ତିନିଥର ପ୍ରସବ ସତ୍ତ୍ୱେ ମମତା ଯୋଜନାର ଟଙ୍କା ଅପେକ୍ଷାରେ ଦମ୍ପତି

**ଝାରବନ୍ଧ, ୧୩।୨(ସମିସ):** ଝାରବନ୍ଧ ବ୍ଲକ ଅଧୀନ ଡୁଙ୍ଗୁରିପାଲି ମହାଲିଙ୍ଗପଡ଼ାର ମୁରଲୀ ଶତନାମୀ ଓ ତାଙ୍କ ସ୍ତ୍ରୀ ଅମୃତିନ ଶତନାମୀ ମମତା ଯୋଜନାର ଆର୍ଥିକ ସହାୟତାରୁ ବଞ୍ଚିତ ରହିଥିବା ଅଭିଯୋଗ କରିଛନ୍ତି। ଅମୃତିନ ତିନିଥର ଗର୍ଭବତୀ ହୋଇ ଶିଶୁ ପ୍ରସବ କରିଥିବା ସତ୍ତ୍ୱେ ଯୋଜନା ଅନୁଯାୟୀ ମିଳିବାକୁ ଥିବା ଆର୍ଥିକ ସହାୟତା ବର୍ତ୍ତମାନ ପର୍ଯ୍ୟନ୍ତ ତାଙ୍କ ଖାତାକୁ ଆସିନାହିଁ ବୋଲି କହିଛନ୍ତି। ଦମ୍ପତିଙ୍କ କହିବା ଅନୁଯାୟୀ, ଗର୍ଭାବସ୍ଥା ସମୟରେ ସେମାନେ ଆବଶ୍ୟକ ରେଜିଷ୍ଟ୍ରେସନ୍ ଓ ଚିକିତ୍ସା ସମ୍ବନ୍ଧୀୟ ନିୟମ ମାନି ସମସ୍ତ କାଗଜପତ୍ର ଦାଖଲ କରିଥିଲେ। ତଥାପି ଆର୍ଥିକ ସହାୟତା ମିଳି ନଥିବାରୁ ଦମ୍ପତି ଅସନ୍ତୋଷ ପ୍ରକାଶ କରିଛନ୍ତି। ଏନେଇ ମୁରଲୀ ଓ ଅମୃତିନ ଶତନାମୀ ପ୍ରଶାସନଙ୍କୁ ଶୀଘ୍ର ହସ୍ତକ୍ଷେପ କରି ଯଥାଯୋଗ୍ୟ ଯାଞ୍ଚ ପରେ ମମତା ଯୋଜନାର ଅର୍ଥ ସହାୟତା ପ୍ରଦାନ କରିବା ପାଇଁ ଅନୁରୋଧ କରିଛନ୍ତି।



# ଦଧିବାମନ ମହାବିଦ୍ୟାଳୟର ବାର୍ଷିକୋତ୍ସବ




**ଭଟଲି, ୧୩।୨(ସମିସ):** ବରଗଡ଼ ଜିଲ୍ଲା ଭଟଲି ଦଧିବାମନ ମହାବିଦ୍ୟାଳୟର ୩୬ ତମ ବାର୍ଷିକୋତ୍ସବ ଶୁକ୍ରବାର ମହାସମାରୋହରେ ପାଳିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ସରୋଜ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଭଟଲି ବିଧାୟକ ଇରାଶିଷ ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ବଲପୁର ଗଙ୍ଗାଧର ମେହେର ସ୍ୱୟଂଶାସିତ ମହାବିଦ୍ୟାଳୟର ଅବସରପ୍ରାପ୍ତ ଉପାଧ୍ୟକ୍ଷ ଡ.କାମଦେବ ସାହୁ ମୁଖ୍ୟବକ୍ତା ତଥା ସମ୍ବଲପୁର ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ ଆର୍‌ଡିଇ ଡ.ମୁରଲିଧର ମାଝୀ ସମ୍ମାନିତ ଅତିଥି ଭାବେ ଏବଂ ବରଗଡ଼ ଉପଜିଲ୍ଲାପାଳ ତଥା ପରିଚାଳନା କମିଟି ସଭାପତି ପ୍ରସନ୍ନ ପାଣ୍ଡେ, ମହାବିଦ୍ୟାଳୟର ଅଧ୍ୟକ୍ଷ ସରୋଜ ଦାଶ, ପ୍ରଧାପକ ବିଶ୍ୱଜିତ ହୋତା, ପ୍ରାଧାପକ ଚୁଡାମଣି ରଥ, ପ୍ରାଧାପକ ରାଜୀବ ସାହୁ, ଅଧାପିକା ଦିପ୍ତିବାଳା ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ। ମହାବିଦ୍ୟାଳୟରେ ଅଡିଟରିୟମ, ଯୁକ୍ତ ତିନି ବିଜ୍ଞାନ ପାଠ୍ୟକ୍ରମ, ମହାବିଦ୍ୟାଳୟର ପାଚେରି ନିର୍ମାଣ, ପିଜି ପାଠ୍ୟକ୍ରମ ଆରମ୍ଭ ଓ ମହାବିଦ୍ୟାଳୟ ପରିସରରେ ପିଚୁ ସଡକ ନିର୍ମାଣ ପାଇଁ ଦାବି ବାବଦକୁ ବିଧାୟକ ସହମତି ପ୍ରକାଶ କରିଥିଲେ। ଏହି ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ତଥା ଶ୍ରେଣୀର ସର୍ବୋତ୍କୃଷ୍ଟ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅଧ୍ୟାପକ ଦୁର୍ଗାଶିଷ ପଟ୍ଟନାୟକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ପ୍ରାଧାପକ ରାଜୀବ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧାପିକା ଜୟନ୍ତୀ ସାହୁ ମହାବିଦ୍ୟାଳୟର ବାର୍ଷିକ ବୀବରଣୀ ପଠନ କରିଥିଲେ। ପ୍ରାଧାପକ ଚୁଡାମଣି ରଥ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ମହାବିଦ୍ୟାଳୟର ସମସ୍ତ ଅଧାପକ, ଅଧାପିକା ଓ ଅନ୍ୟାନ୍ୟ କର୍ମଚାରୀ ସହଯୋଗ କରିଥିଲେ।

# ଅନ୍ତର୍ଜାତୀୟ ମହିଳା ଦିବସ ପୂର୍ବରୁ ବିଭିନ୍ନ ପ୍ରତିଯୋଗିତା

**ବରଗଡ଼, ୧୩।୨(ସମିସ):** ବରଗଡ଼ ଲେଙ୍ଗୁମିଶ୍ର ମିନି ଷ୍ଟାଡିୟମରେ ଅନ୍ତର୍ଜାତୀୟ ମହିଳା ଦିବସ ପୂର୍ବରୁ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବରଗଡ଼ ଅତିରିକ୍ତ ଜିଲ୍ଲାପାଳ ମଧୁ ଛନ୍ଦା ସାହୁ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ବରଗଡ଼ ଜିଲ୍ଲା ସ୍ତରୀୟ ଅଙ୍ଗନବାଡ଼ି କର୍ମୀ ଓ ସହାୟିକା ମାନଙ୍କ ମଧ୍ୟରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଖୋଖୋ, କବାଡି, ଦୌଡି ଟଣା, ରଙ୍ଗୋଲି ଓ ସଙ୍ଗୀତ ପ୍ରତିଯୋଗିତା ହୋଇଥିବା ବେଳେ ବିଜୟୀ ପ୍ରତିଯୋଗୀଙ୍କୁ ମାର୍ଚ୍ଚ ୮ ତାରିଖ ଅନ୍ତର୍ଜାତୀୟ ମହିଳା ଦିବସରେ ପୁରସ୍କୃତ କରାଯିବ ବୋଲି ସୂଚନା ଦିଆଯାଇଛି। ତେବେ ମହିଳାଙ୍କୁ ସଶକ୍ତ କରିବା ପାଇଁ ଏଭଳି ପ୍ରୟାସ କରାଯାଇଛି। ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସନ୍ଧ୍ୟାରାଣୀ ନେପାକ, ମାଙ୍ଗଳିକ ଦାଶଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।



# ‘ସକାଳ’ ପ୍ରଭାବ
# ରାସ୍ତା ମରାମତି ଆରମ୍ଭ

ବିଜେପୁର, ୧୩।୨(ସମିସ)

ବରଗଡ଼ ଜିଲ୍ଲା ବିଜେପୁର ବ୍ଲକ ବଡବାଉଁସେନ ପଞ୍ଚାୟତ ଅଧୀନ ସାଲେଦମଳି ଗାଁ ରାସ୍ତା ନିର୍ମାଣ କାମ ଅତ୍ୟନ୍ତ ନିମ୍ନମାନର ହୋଇଥିବା ଖବର ସକାଳ ଖବରକାଗଜରେ ପ୍ରକାଶିତ ହେବା ପରେ ଉକ୍ତ ରାସ୍ତାକୁ ମରାମତି କରାଯାଉଥିବା ସୂଚନା ମିଳିଛି। କଳଙ୍ଗାଡେରା ଠାରୁ ସାଲେଦମଳି ଦେଇ କୁର୍ଲାମୁଣ୍ଡା ଓ ବଡବାଉଁସେନ ଯାଇଥିବା ଏହିରାସ୍ତା କାମର ମାନ ନେଇ ସ୍ଥାନୀୟ ଲୋକମାନେ ଗଭୀର ଅସନ୍ତୋଷ ପ୍ରକାଶ କରିଥିଲେ। ପ୍ରାୟ ୫ କୋଟି ୩୧ ଲକ୍ଷ ୫୩ ହଜାର ଟଙ୍କା ବ୍ୟୟରେ ପାଖାପାଖି ୬ କିମିରୁ ଅଧିକ ରାସ୍ତା ନିର୍ମାଣ ପାଇଁ କାମ ଚାଲିଥିଲା।






ଏହି ସମୟରେ ନିମ୍ନ ମାନର କାମ ହେଉଥିବା ଏପରିକି ହାତ ମାରିଲେ ପିଚୁ ଉପୁଡି ଯାଉଥିବା ଗ୍ରାମବାସୀ ଅଭିଯୋଗ କରିଥିଲେ। ଏ ନେଇ ଗାଁର ସଚେତନ ନାଗରିକ ପ୍ରକାଶ ଭୋଇ, ଅମିତ ସାହା, ଅର୍ଜୁନ ସାହା, ସତ୍ରାଜିତ ସାହା, ପ୍ରମୋଦ ଭୋଇ, ବଳରାମ ଦିଶ୍ରୀ, ତ୍ରିଲୋଚନ ଭୋଇ, ଦିବାକର ଭୂଏ, ନର୍ସିଂ ନାଏକ ସମେତ ଗ୍ରାମବାସୀ ରାସ୍ତା କାମର ମାନ ଯାଞ୍ଚ ସହ ଠିକାଦାର ଓ ସମ୍ପୃକ୍ତ ବିଭାଗ ବିରୋଧରେ ପଦକ୍ଷେପ ନେବାକୁ ଦାବି କରିଥିଲେ। ଘଟଣାଟି ଗତ ଡିସେମ୍ବର ମାସରେ ସକାଳ ଖବର କାଗଜରେ ପ୍ରକାଶ ପାଇଥିଲା। ସେହି ଖବରକୁ ସାମାଜିକ କର୍ମୀ ଦୀପା ବାରିକ ସାମାଜିକ ଗଣମାଧ୍ୟମ ଏକ୍ସରେ ପୋଷ୍ଟ କରି ସରକାରଙ୍କୁ ଅବଗତ କରିଥିଲେ। ବର୍ତ୍ତମାନ ସରକାରଙ୍କ ନିର୍ଦ୍ଦେଶ କ୍ରମେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ରାସ୍ତାର ମରାମତି କାମ ଆରମ୍ଭ ହୋଇଛି। ଏ ନେଇ ସ୍ଥାନୀୟ ଆଦିବାସୀ ଜିଲ୍ଲାପାଳ ଆଦିତ୍ୟ ଗୋୟଲ ତଥା ବିଜେପୁର ସକାଳ ଖବରକାଗଜ ପ୍ରତିନିଧି ସହ ସମସ୍ତ କର୍ମକର୍ତ୍ତାଙ୍କୁ ଧନ୍ୟବାଦ ଜଣାଇଛନ୍ତି।

# ପତ୍ରାପାଲିକୁ ହରାଇ ସେମିରେ କୁଲିଆବନ୍ଧା

**ପାଇକମାଳ, ୧୩।୨(ସମିସ):** ପାଇକମାଳ ବ୍ଲକ ମାଣ୍ଡୋସିଲ ବଡ ଖେଳ ପଡ଼ିଆରେ ଚାଲିଥିବା ୨୬ ତମ ମାଣ୍ଡୋସିଲ କପ୍ ତୃତୀୟ ଦିନରେ ୫ଟି ମ୍ୟାଚ୍ ଖେଳାଯାଇଛି। ପ୍ରଥମ ମ୍ୟାଚ୍ କାଦୋମେରୀକୁ ହରାଇ ବରତୁଣ୍ଡା ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚ୍ ଡୁଡୁକିଝରିଆକୁ ହରାଇ ପତ୍ରାପାଲି ବିଜୟୀ ହୋଇଥିଲା। ତୃତୀୟ ମ୍ୟାଚ୍‌ରେ ବରତୁଣ୍ଡାକୁ ହରାଇ ପତ୍ରାପାଲି ବିଜୟୀ ହୋଇଥିଲା। ଚତୁର୍ଥ ମ୍ୟାଚ୍‌ରେ ହିରାପୁରକୁ ହରାଇ କୁଲିଆବନ୍ଧା ବିଜୟୀ ହୋଇଥିଲା। କୁଲିଆବନ୍ଧା ଓ ପତ୍ରାପାଲି ମଧ୍ୟରେ ଅନୁଷ୍ଠିତ କ୍ୱାର୍ଟର ଫାଇନାଲରେ କୁଲିଆବନ୍ଧା ବିଜୟୀ ହୋଇ ସେମିଫାଇନାଲ ପ୍ରବେଶ କରିଛି। ହେମାନନ୍ଦ ବିଶ୍ୱାଳ, ନରେଶ ବିଶ୍ୱାଳ, ମହେନ୍ଦ୍ର ଭୋଇ, ଅଶୋକ ବାରିକ ଖେଳ ପରିଚାଳନା କରିଥିଲେ। ବିଜୁ ବରିହା ସ୍କୋରର ଥିବା ବେଳେ ମନୋରଞ୍ଜନ ମଲ୍ଲିକ ଓ ଦୁଃଖିଶ୍ୟାମ ସରିଆ ଧାରା ବିବରଣୀ ପ୍ରଦାନ କରିଥିଲେ। ଅତିଥି ଭାବେ ଡ.ପଙ୍କଜ ଭୋଇ ଓ ଭ୍ରମର ସିଂ ପୂଝାରୀ ଯୋଗ ଦେଇଥିଲେ। ଏଥିରେ କ୍ଲବ୍‌ର ସମସ୍ତ କର୍ମକର୍ତ୍ତା ପରିଚାଳନାରେ ସହଯୋଗ କରିଥିଲେ। ଆସନ୍ତା ରବିବାର ଫାଇନାଲ ମ୍ୟାଚ୍ ଖେଳାଯିବ ବୋଲି କମିଟି ପକ୍ଷରୁ ସୂଚନା ମିଳିଛି।

**ମାଣ୍ଡୋସିଲ କପ୍**



